Any body desirous of knowing any thing will write to the undersigned. Applications will be received up to 31st December 1906

Puri 1906. } B. N. SINHA, Manager of the Sree Radha Krishna Vilas Provident Company, Ld. Puri.

### ବିଜ୍ଞାପନ !!!

ଶ୍ରୀ ରାଧାକୃଷ୍ଣବିଳାସ ପ୍ରୋଭିଡେଣ୍ଟ କୋମ୍ପାନୀ ଲିମିଟେଡ୍

ହେଡ୍ ଅଫିସ ପୁରୀ ।

ଏହି କୋମ୍ପାନୀ ପୁରୀର କେତେକ ଭଦ୍ର ଓ ଧନୀ ବ୍ୟକ୍ତିମାନଙ୍କ ଦ୍ୱାରା ପୁରୀ ସହରରେ ସ୍ଥାପିତ ହୋଇ ୫୦୦୦୦୦ ଟଙ୍କା ( ପାଞ୍ଚଲକ୍ଷ ଟଙ୍କା ) ମୂଳଧନରେ ରେଜେଷ୍ଟ୍ରି ହୋଇ ମାନ୍ୟବର ଶ୍ରୀ ଭାରତ ଗବର୍ଣ୍ଣମେଣ୍ଟଙ୍କ ଅଙ୍ଗୀକୃତ ସନ ୧୮୮୨ ସାଲର ୬ ନମ୍ବର ଓ ସନ ୧୮୯୫ ସାଲର ୧୬ ନମ୍ବର ଇଣ୍ଡିଆନ କୋମ୍ପାନୀ ଆଇନାନୁସାରେ କାର୍ଯ୍ୟମାନ ସୁଚାରୁରୂପେ ଚଳାଯାଉଅଛି । ଏହି କୋମ୍ପାନୀରେ ଭାରତ-ବର୍ଷ, ବର୍ମା ଓ ସିଂହଳବାସୀ ପ୍ରତ୍ୟେକ ସ୍ତ୍ରୀ, ପୁରୁଷ, ବାଳକ ଓ ବାଳିକାମାନେ ଜାତିମତ ବୟସ ନିର୍ଦ୍ଦିଷ୍ଟ ନ ଥାଇ, ଅପ୍ରତିବାଦ ସାର୍ଟି-ଫିକେଟ ଦାନାବସ୍ଥାରେ ମେମ୍ବର ଶ୍ରେଣୀଭୁକ୍ତ ହୋଇ, କୋମ୍ପାନୀର ନୋଟିସ ମୁତାବକ ଅପ-ରିମିତ ଲାଭ ପାଇ ପାରିବେ । ଏହିପରି କୋମ୍ପାନୀ ଓଡ଼ିଶାରେ ଆଜପର୍ଯ୍ୟନ୍ତ ନ ଥିଲା । ପ୍ରତ୍ୟେକ ଉତ୍କଳବାସୀ ଏଥିରେ ସହାନୁଭୂତି ପ୍ରକାଶ କରିବା ଆବଶ୍ୟକ । ଏହି କୋମ୍ପାନୀ ସମ୍ବନ୍ଧେ ଯେ କୌଣସି ବ୍ୟକ୍ତି କିଛି ଜାଣିବାକୁ ଇଚ୍ଛା କରିବେ ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଲେଖିଲେ ଅନାୟାସରେ ଯାଇ ପାରିବେ । ପ୍ରତ୍ୟେକ ସ୍ଥାନରେ କ୍ଷମତାପନ୍ନ ବ୍ୟକ୍ତି-ମାନେ ଏହି କୋମ୍ପାନୀର ଏଜେଣ୍ଟ ସକାଶେ ଦରକାର, ଯେଉଁମାନେ ଏଜେଣ୍ଟ ହେବାକୁ ଇଚ୍ଛା କରିବେ ସେମାନେ ଉଚିତ କମିଶନ ପାଇ ପାରିବେ ।

ପୁରୀ ୧୫।୧୨।୦୬ } ଶ୍ରୀ ବୈଦ୍ୟନାଥ ସିଂହ, ମେନେଜର, ଶ୍ରୀ ରାଧାକୃଷ୍ଣବିଳାସ ପ୍ରୋଭିଡେଣ୍ଟ କୋମ୍ପାନୀ ଲିମିଟେଡ୍, ପୁରୀ

# ଉତ୍କଳ ଦୀପିକା ।

ମହାରାଜକୁମାର ଶ୍ରୀ କୃଷ୍ଣଦାସ ଲାଲା ନଇ-ଚାର ସେରଫ ପଦରେ ନିଯୁକ୍ତ ହୋଇଅଛନ୍ତି । ତାଙ୍କର ସ୍ୱର୍ଗୀୟ ପିତା ମହାରାଜା ଦୁର୍ଗାଚରଣ ଲାଲା ବାହାଦୁର ଏହି ନିଜପଦ ପ୍ରାପ୍ତ ହୋଇଥିଲେ । ଯୋଗ୍ୟପିତାର ଯୋଗ୍ୟପୁତ୍ର ସେହି ସମ୍ମାନସୂଚକ ପଦ ପାଇବା ବଡ଼ ଆନନ୍ଦର ବିଷୟ ଅଟେ । ମହାରାଜକୁମାର ଦୀର୍ଘଜୀବୀ ହୋଇ ସ୍ୱର୍ଗୀୟ ପିତାଙ୍କ ପଦର ଗୌରବ ରକ୍ଷା କରି ସ୍ୱଦେଶର ମୁଖୋଜ୍ଜ୍ୱଳ କରନ୍ତୁ ।

———

କାବୁଲର ଶିକ୍ଷା ବିସ୍ତାର ଉଦ୍ଦେଶ୍ୟରେ ସେ ରାଜ୍ୟର ମସଜିଦମାନ ବର୍ତ୍ତମାନ ସକାଶେ ପାଠ-ଶାଳାରୂପେ ପରିଣତ ହୋଇଅଛି ଏବଂ ବିଦ୍ୟାଳ-ୟମାନ ନିର୍ମିତ ହେବାର ଉଦ୍ଯୋଗ ଲାଗିଅଛି । ଏ ପ୍ରସ୍ତାବ ଅତୀବ ସୁନ୍ଦର ଅଟଇ । ଆମ୍ଭ ଦେଶର ମଠବାଡ଼ି ଓ ମନ୍ଦିରମାନଙ୍କର ସ୍ଥାପନ ବିଦ୍ୟା-ଶିକ୍ଷାମୂଳକ ଅଟଇ ମାତ୍ର ସେ ସବୁରେ ବର୍ତ୍ତମାନ ବିଦ୍ୟାଶିକ୍ଷା ପରିବର୍ତ୍ତେ ମୂର୍ଖତା ଓ ମାମଲା ଶିକ୍ଷା ଦେଉଅଛି ।

———

ଶ୍ରୀ ଲହୁଲ ବଗେଲା ଦେବୀଙ୍କ ପଣ୍ଡା ଲୋକମାନେ ବିଲାତି ଲବଣ ଓ ଚିନି ମନ୍ଦିରରେ ଆଉ ବ୍ୟବହାର ନ କରିବାର ପ୍ରତିଜ୍ଞା କରିଥିବା ବିଷୟ ପ୍ରକାଶ କରି ସମ୍ବଲପୁର ହିତୈଷିଣୀ ଲେଖିଅଛନ୍ତି ଯେ ଏପରି ପ୍ରତିଜ୍ଞା ପୂର୍ବରୁ ମନ୍ଦିର ପ୍ରତିଷ୍ଠା ହେବା ଉଚିତ । କୌଣସି ଦେବମନ୍ଦିରରେ ଅପବିତ୍ର ଦ୍ରବ୍ୟ ପ୍ରବେଶ ହେବାର ଜଣାଗଲେ ମହାଶୟ, ଶୋଧନ ଇତ୍ୟାଦି ହେବାର ଜଣାଅଛି । ସହଯୋଗୀ କେଉଁ ଅର୍ଥରେ ଏ ଯୁକ୍ତ ପ୍ରତିଷ୍ଠା ଅର୍ଥରେ "ମନ୍ଦିର ପ୍ରତିଷ୍ଠା" ବ୍ୟବହାର କରିଅଛନ୍ତି ବୁଝାଇଦେଲେ ଭଲ ହେବ ।

—*—

ଗତ ତା ୮ ରିଖରେ ଶେଷହେଲା ସପ୍ତାହରେ ବଙ୍ଗପ୍ରଦେଶରେ ମୃତ୍ୟୁର ହାର ସର୍ବାପେକ୍ଷା ଅଧିକ । ଦରଭଙ୍ଗାରେ ଏହି ହାର ସେ ୬ ର ଏବଂ ସର୍ବାପେକ୍ଷା କମ ସମ୍ବଲପୁରରେ ସେ ୧୬ ର ଥିଲା । ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାମଧ୍ୟରେ କଟକ ଓ ପୁରୀରେ ସେ ୧୦୩ ର ବାଲେଶ୍ୱରରେ ସେ ୫ ର ଏବଂ ଅନୁଗୁଳରେ ସେ ୧୧୩ ହୋଇଥିଲା । ବାଲେଶ୍ୱର ପରି ମେଦିନୀପୁର ଏବଂ ବାଙ୍କୁଡ଼ା ସଙ୍ଗେ ସମାନ । ଦରଭଙ୍ଗାରେ ୬୬୫୮୧ ଏବଂ ମୋଜଫରପୁରରେ ୨୫୧୧ ଜଣ ମାତ୍ର ବଙ୍ଗପ୍ରଦେଶରେ ୬୮୯୯୬ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ ।

———

ଭାରତର ଗବର୍ଣ୍ଣର ଜେନେରଲ ମହାମାନ୍ୟ ଲର୍ଡ ମିଣ୍ଟୋ ବାହାଦୁର ଗତ ପୂର୍ବ ଶୁକ୍ରବାର ସକାଳବେଳେ କଲିକତା ରାଜଧାନୀକୁ ଶୁଭ-ଗମନ କଲେ । ମହାମାନ୍ୟଙ୍କର ପ୍ରବେଶ ସମୟରେ ଯେପରି ଅନ୍ୟାନ୍ୟବର୍ଷ ରାଜମାର୍ଗ ସୁସଜ୍ଜିତ ଏବଂ ସୈନ୍ୟଦ୍ୱାରା ସୁରକ୍ଷିତ ହୋଇଥାଏ ସେହିପରି ହୋଇଥିଲା ଏବଂ ଅଭ୍ୟର୍ଥନା ନିମନ୍ତେ ଗଭର୍ଣ୍ଣମେଣ୍ଟ ରାଜପ୍ରାସାଦରେ ବଡ଼ ବଡ଼ ରାଜକର୍ମଚାରୀ ଏବଂ ବେସରକାରୀ ଇଉରୋପୀୟ ଓ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉପସ୍ଥିତ ହୋଇଥିଲେ । ମହାମାନ୍ୟ ମହୋଦୟଙ୍କ ହୃଷ୍ଟପୁଷ୍ଟ ଦର୍ଶନ କରି ସମସ୍ତେ ଆନନ୍ଦିତ ହୋଇଥିଲେ ।

———

ଏଥର ଓଡ଼ିଶାର ଅନେକ ଶିକ୍ଷିତ ଯୁବା ଡେପୁଟି ଓ ସବଡେପୁଟି ହେବାସ୍ଥଳେ ସେମାନଙ୍କ ମଧ୍ୟରେ ଜଣେ ମାତ୍ର ଉତ୍କଳୀୟ ବଙ୍ଗାଳୀଙ୍କୁ ଡେପୁଟି ନ କରି ସବଡେପୁଟି କରିବା ଭଲ ହୋଇ ନାହିଁ ବୋଲି "ଦୀପିକା" ଏବଂ "ଓଡ଼ିଆ" ଲେଖିଥିବାରୁ 'ଗଞ୍ଜାମ ଗୁଣଦର୍ପଣ' ତହିଁରୁ ସିଦ୍ଧାନ୍ତ କରିଅଛନ୍ତି ସେମାନେ ଉତ୍କଳୀୟ ଉପକାରର କରନ୍ତୁ । କି ଚମତ୍କାର ସିଦ୍ଧାନ୍ତ ? ଗବର୍ଣ୍ଣମେଣ୍ଟ ଏହି ବଙ୍ଗାଳୀଙ୍କ ନିଯୋଗର ନିସ୍ପନ୍ନ କରିଥିବା ହେତୁ ସହଯୋ-ଗିଙ୍କ ବିଚାରରେ ଯାହା ଦୋଷୀ ହୋଇ ନାହାନ୍ତି ଏଭଳ ବଡ଼ କଥା । ଅଥବା ସେ ପାହଟ ନାହିଁ ।

———

Digitized by srujanika@gmail.com

ଶ୍ରୀଯୁକ୍ତ ଜବାଣୀ ଶ ବଳଂଶିଦ ମିଶ୍ର ବାବୁ ଲଇଠାରୁ ସିନ୍ଧ୍ରି ଶଖା ଇଦେବତପକ୍ଷ ପ୍ରସ୍ତାବ ବର ପ୍ରସ୍ତର କ୍ଷେତ୍ରବର୍ଗଙ୍କ ଉତ୍କଳ ସମ୍ମିଳନୀର ଆଗାମୀ ବର୍ଷର ଏହି ଅଧିବେଶନ ସ୍ଥାନଠାରେ ହେବା ନ ଇଣ ଅସନ୍ତ୍ରା ଗଞ୍ଜାମ ଅଧିବେଶନରେ ଅନୁରୋଧ କରିବା ସକାଶେ ଅନୁରୋଧ କରଅଛନ୍ତି । ଲେଖକଙ୍କର ଏ ଅନୁରୋଧ ଅସଙ୍ଗତ ନୁହେ । ପୂର୍ବ ଓଡ଼ିଶାର କଟକ ଓ ବାଲେଶ୍ୱର ଅଧିବେଶନ ହୋଇସାଇଅଛି । ଏଣିକ ସମ୍ବଲ ପାଳିପଡ଼ରେ ହଇବେ । ମାତ୍ର ଲେଖକ ଯଥାର୍ଥ କହୁଅଛନ୍ତି ଯେ ଯେ ଗଞ୍ଜାମବାସିଙ୍କର ଉପସ୍ଥିତି ଅଧିକ ସାହାଯ୍ୟ ଓ ସହାନୁଭୂତି ବିନା ଏହି ଜାତୀୟ ବ୍ୟାପାର ସମାଧା ହୋଇ ନ ପାରେ । ଅତଏବ ସ୍ଥାନୀୟ ଲୋକଙ୍କର ଇଚ୍ଛାର ଉପରେ ଏ ବିଷୟ ସମ୍ପୂର୍ଣ୍ଣ ନିର୍ଭର କରେ ।

—*—

ମହାଦପୁର ଏବଂ ଜିଲ୍ଲାଗଞ୍ଜଠାରେ ବଢେ ।ଈମାନେ ବଙ୍ଗଭଙ୍ଗର ପକ୍ଷପାତି ଦଳର ସଭାରେ ଯୋଗଦାନ କରିଥିବା ବିଷୟରେ ବିଲାତ ପାର୍ଲିମ୍ୟାମେଣ୍ଟ ସଭାରେ ପ୍ରଶ୍ନ ହେବାରୁ ଭାରତୀୟ ଷ୍ଟେଟ ସେକ୍ରେଟରୀ ଉତ୍ତର ପ୍ରଦାନ କଲେ ଯେ ସରକାରୀ କର୍ମଚାରୀମାନେ ରାଜନୈତିକ ସଭାରେ ଯୋଗଦାନ କରିବା ସମ୍ବନ୍ଧରେ ଯେ ନିଷେଧାଜ୍ଞା ଅଛି ତାହା ସ୍ଥାନୀୟ ଗବର୍ଣ୍ଣମେଣ୍ଟ ବୁଝିବେ । ଚଳାଇବା ପ୍ରତି ତାଙ୍କର ସନ୍ଦେହ ନାହିଁ — ଏ ଉକ୍ତିରୁ ସେକ୍ରେଟେରୀ ମହୋଦୟ କ କରୁଅଛନ୍ତି ପ୍ରକାଶ ପାଉନାହିଁ । ତଥାପି ଏହି ଉତ୍ତର ଦେଇ ସରକାରୀ ଚାକର ଓ କର୍ମଚାରୀମାନେ ଯେ ଅନ୍ୟ ସଭାରେ ପ୍ରକାଶ୍ୟ ରୂପେ ଯୋଗଦାନ କରିବେ ନାହିଁ ଏହା ନିଶ୍ଚୟ ମାତ୍ର ଯେଉଁମାନେ ଲୁଚି ଏହି ଲୋକଙ୍କ ମତାଇବେ ତାଙ୍କୁ ଦଣ୍ଡ ଦେବା ନୁହେଁ ।

ହିତୈଷୀ ସଭାର ଗତମାସ ତା ୧୦ ରଖର ଅଧିବେଶନରେ ଭାରତୀୟ ଜାତୀୟ ମହାସଭାର କଲିକତା ଅଧିବେଶନ ନିମିତ୍ତ ନିମ୍ନଲିଖିତ ବ୍ୟକ୍ତିମାନେ ପ୍ରତିନିଧି ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି, ଯଥା—

| | |
|---|---|
| ବାବୁ ନନ୍ଦକିଶୋର ପଟେଲ | ବାବୁ ପୂର୍ଣ୍ଣଚନ୍ଦ୍ର ସାହେବ |
| „ ଜାନକୀନାଥ ବସୁ | „ ରଘୁନାଥ କର |
| „ ହରମୋହନ ରାୟଚୌଧୁରୀ | „ ରାମଶଙ୍କର ରାୟ |
| „ ଈଶ୍ୱରୀଲାଲ ହାଜରା | „ ଗୋପୀକୃଷ୍ଣ ରାୟ |
| „ ଜମାଇଚରଣ ମିଶ୍ର | „ ଗୋବର୍ଦ୍ଧନ ମୁନି |
| „ ବୈକୁଣ୍ଠନାଥ ଦେ | „ ବନବିହାରୀ ପାତ୍ର |
| „ ଗୋକୁଳାନନ୍ଦ ଚୌଧୁରୀ | „ ବ୍ରଜନାଥ ସାହୁ |
| „ ଶରତ୍ କୁମାର ଘୋଷ | |

ଏମାନେ ସମ୍ଭବତଃ ଡିସେମ୍ବର ମାସ ତା ୨୭ ରିଖରେ କଲିକତା ଯାତ୍ରା କରିବେ । କଲିକତା ଏଠାରୁ ଛଡ ଟ ବୋଲି ଅଧିକ ସ୍ପଷ୍ଟତଥ୍ୟ ହେବାର ବୋଧ ହୋଇପାରେ । ମାତ୍ର ଏମାନଙ୍କ ମଧ୍ୟରୁ ଅନେକ ବର୍ଷକୁ ବର୍ଷ ଏକ ମାନ୍ଦ୍ରାଜ ବମ୍ବେ ପର୍ଯ୍ୟନ୍ତ ପ୍ରତିନିଧି ହୋଇଯାଇ କଂଗ୍ରେସ ପ୍ରତ ସଭାକୁ ଭୂତ ଓ ସ୍ୱଯୋଗ ଦେଖାଇଥିଲେ ।

——

ହିନ୍ଦୁବାହିନୀରେ ପ୍ରକାଶ ଯେ ପଞ୍ଜାବର ରାଧାକାନ୍ତ ମଠର ସମ୍ପତ୍ତି ଦେବୋତ୍ତର ଅପବ୍ୟୟ ହେବାର ଦେଖି ସେଠାର ଜନସାଧାରଣ ଲୋକମାନେ ତାହାକୁ ବନ୍ଦୋବସ୍ତ ଅଥବା ମଠର କାର୍ଯ୍ୟ ନିର୍ବାହର ସୁଶୃଙ୍ଖଳା ନିମନ୍ତେ ଅଦାଲତରେ ଅର୍ଜି ନାଲିସ କରିଅଛନ୍ତି । ଦକ୍ଷିଣାଞ୍ଚଳର ଲୋକମାନେ ଏ ବିଷୟରେ ଅନେକ ଅଗ୍ରସର ହେଲେ ଦେବସମ୍ପତ୍ତି ସମ୍ବନ୍ଧୀୟ ଅନେକ ମୋକଦ୍ଦମାର ଫଳରେ ମାନ୍ଦ୍ରାଜ ହାଇକୋର୍ଟର ରିପୋର୍ଟରୁ ପ୍ରାପ୍ତ ହୁଅନ୍ତି । ଓଡ଼ିଶାରେ ଦେବସମ୍ପତ୍ତିର ଅପବ୍ୟୟ ଅନେକ ସାକ୍ଷୀଙ୍କ ହେଲେହେଁ ଏହି ଦେଶର ଲୋକମାନେ ତାହା ନିବାରଣର ଚେଷ୍ଟା ପ୍ରାପ୍ତ ହଉନ୍ତି ନାହିଁ । ମୋ କଦମା କରିବା ଅନେକ ଖର୍ଚ୍ଚ ଏବଂ ଦସ୍ତୁର କଥା ସତ୍ୟ ମାତ୍ର ଲୋକେ ନିଜ ନିଜର ସ୍ୱାର୍ଥ ନିମନ୍ତେ ଯେ ଖରଚ ଓ କଷ୍ଟ ସହୁଥିବା ପ୍ରତ୍ୟେକେ ପାଞ୍ଚ ଜଣ ମିଶି ଧର୍ମ ରକ୍ଷାର୍ଥେ ତାହା କରି ନ ପାରୁ କଷ୍ଟ ହୁଏ। ଯାଉଅଛୁ ଯେ ଧର୍ମ ଓ ସାଧାରଣ ହିତ କାର୍ଯ୍ୟରେ ତାହାର ଉତ୍ସାହ ନାହିଁ ଏହା ନିତାନ୍ତ ଦୁର୍ଲଭ ବୋଲିବାକୁ ହେବ ।

——

ସ୍ୱରଲିପି ସଂଶୋଧନ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରିବାକୁ ତହସିଲରେ କୃଷକ କର ଧାର୍ଯ୍ୟ ହେବାର ଜନଶ୍ରୁତି ଛୁଟିଥିଲା ଏବଂ ସେଥିପାଇଁ ଲୋକେ ଭୀତ ହୋଇଥିଲେ । ଉତ୍କଳ ସଭାରେ ଏଥିରେ ଆନ୍ଦୋଳନ ହୋଇ କର ଧାର୍ଯ୍ୟ ହେବା ବିଷୟରେ ଗବର୍ଣ୍ଣମେଣ୍ଟ କ ସ୍ଥିର କରୁଅଛନ୍ତି ଜାଣିବା କାରଣ ପତ୍ର ଦିବାରୁ ତହିଁର ଉତ୍ତରରେ ଗବର୍ଣ୍ଣମେଣ୍ଟ ସେକ୍ରେଟରୀ ଉତ୍କଳସଭାର ସେକ୍ରେଟେରୀଙ୍କୁ ଯେ ପତ୍ର ଲେଖିଥିଲେ ତହିଁର ଅବିକଳ ନକଲ ନିମ୍ନେ ପ୍ରକାଶ କଲୁ ଯଥା;—

Calcutta, 30th Novr. 1906.

I am directed to acknowledge the receipt of your letter No. 13 dated the 24th August 1906, and to inform you that Government does not contemplate the levy of a cess for the maintenance of records.

ଏଥିର ମର୍ମ ଏହି ଯେ ସ୍ୱରଲିପି ସଂଶୋଧନ ନିମନ୍ତେ କୌଣସି କର ବସାଇବାକୁ ଗବର୍ଣ୍ଣମେଣ୍ଟ ଇଚ୍ଛା କରୁନାହାନ୍ତି । ଏଥିପାଇଁ ଗବର୍ଣ୍ଣମେଣ୍ଟ ଆମ୍ଭମାନଙ୍କର ଧନ୍ୟବାଦ ପାତ୍ର ହୋଇଅଛନ୍ତି । ଦର ସ୍ଥିର କରାଇବା ବେଳେ ଅଳ୍ପ ଦରର କଥା ଚିନ୍ତା କରିବା ଉଚିତ ନୁହେ ।

——

ଏଠାର ତନ୍ତୀମାନେ ସୂତାକଟାଳର ପ୍ରଚଳିତ ଚଳନ୍ତିରେ ୬ ୩୦ ନମ୍ବରରୁ ଉର୍ଦ୍ଧ୍ୱ ସୂତାର ଲୁଗା ବୁଣିପାରନ୍ତି ନାହିଁ ବୋଲି ଉତ୍କଳ ସ୍ଟାରରେ ଲେଖାଅଛି । ସହଯୋଗୀ ଶୁଣି ଆନନ୍ଦିତ ହେବେ ଯେ ବର୍ତ୍ତମାନ ସେହି ତନ୍ତୀରେ ୪୦ ନମ୍ବର ସୂତାର ଲୁଗା ପ୍ରଚୁର ପରିମାଣରେ ଏବଂ ତହୁଁ ଅଧିକ ୭୦ ନମ୍ବର ପର୍ଯ୍ୟନ୍ତ ସୂତାର ଲୁଗା ବୁଣୁଥିବାର ପ୍ରଭୃତର ତନ୍ତ୍ରମାନେ ବୁଣୁଅଛନ୍ତି ଏବଂ ସେ ଲୁଗାମାନ ଏ ନଗରରେ ସୁଲଭ ଏବଂ କିଣିବାକୁ ମିଳନ ହେଉଅଛି । ମୂଲ୍ୟ ମଧ୍ୟ ଅଧିକ ନୁହେ । ସ୍ଥାନୀୟ ସାଧାରଣ ଲୋକେ ମୋଟଲୁଗା ଭେଡ଼ନ୍ତି ବୋଲି ୧୬, ୧୫ ବା ୨୦ ନମ୍ବର ସୂତାର ଲୁଗା ଅଧିକ ବୁଣା ଯାଏ । କ, ଲୋକମାନେ ଦେଶୀ ଲୁଗାକୁ ଆଦର କରୁ ନ ଥିଲେ ବୋଲି ତନ୍ତ୍ରମାନେ ସରୁ ସୂତାର ଲୁଗା ବୁଣିବାକୁ ମନ ବଳାଉ ନ ଥିଲେ । ବର୍ତ୍ତମାନ ଉତ୍ସାହ ପାଇ ବହୁବନ୍ଦ ହୋଇଅଛନ୍ତି ନୂଆ ଢଙ୍ଗର ଫ୍ଲାଏସଟଲ ତନ୍ତ ବା ଜାପାନ ପ୍ରଭୃତି ତାନତନ ତନ୍ତ୍ରରେ ଅଧିକ କାର୍ଯ୍ୟ ଏବଂ ଲାଭ ହେବା ସନ୍ଦେହ ନାହିଁ । ଆଶା କରୁଅଛୁ ସେ ସବୁ ଯନ୍ତ୍ରର କାର୍ଯ୍ୟକାରିତା ଦେଖି ଏଠି ତନ୍ତ୍ରମାନଙ୍କର ମନ ସେ ଦିଗକୁ ଯିବ । ବର୍ତ୍ତମାନ ନୂଆ ଏବଂ ସ୍ଥାନରେ ଫ୍ଲାଏସଟଲ ତନ୍ତ୍ରର ବ୍ୟବହାର ଆରମ୍ଭ ହୋଇଅଛି ।

—※—

ସ୍ୱରଚ ବନ୍ଦୋବସ୍ତ ବା ଜାତୀୟ ମହାସମିତି ସମ୍ବନ୍ଧରେ କଲିକତାର ଅମୃତବଜାର ପତ୍ରିକା ଏକାଧିକ ପ୍ରବନ୍ଧ ଲେଖି ତହିଁ ଶେଷରେ ଏହି ମତ ପ୍ରକାଶ କରୁଅଛନ୍ତି ଯେ ଆମ୍ଭମାନଙ୍କର ଅନେକ ଦୁଃଖ ଆମ୍ଭମାନଙ୍କ ନିଜର ମୂର୍ଖତାର ଫଳ ଅଟେ ଏବଂ ଆମ୍ଭେମାନେ ଚେଷ୍ଟାକଲେ ଗବର୍ଣ୍ଣମେଣ୍ଟର ସାହାଯ୍ୟ ବିନା ଘୁଞ୍ଚାଇପାରୁ । ଆମ୍ଭମାନଙ୍କ ହାତରେ -ଯଥେଷ୍ଟ କାର୍ଯ୍ୟ ଅଛି ଯଦ୍ଦ୍ୱାରା ଆମ୍ଭେମାନେ ନିଜର ଅବସ୍ଥାର ଉନ୍ନତି କରିପାରୁ । ମାତ୍ର ଆମ୍ଭେମାନେ ଏପର୍ଯ୍ୟନ୍ତ ତହିଁ ସାଧନାର୍ଥ କାର୍ଯ୍ୟ କରୁନାହୁଁ ବରଂ କରିବାକୁ ଚେଷ୍ଟା କରୁନାହୁଁ । ଦେଶର ମଙ୍ଗଳ ନିମନ୍ତେ କେବଳ କଳ୍ପନା କରୁଅଛୁଁ, ଦୁଃଖର କଥା କହୁଅଛୁଁ ଏବଂ ଦୁଃଖ ନ ମେଣ୍ଟିଲେ ପୁଣି ତାହାର କହି ହୁଳୁଅଛୁଁ । ଫଳତଃ ଏହାକରି-ନଲେ କର୍ତ୍ତବ୍ୟପାଳନ କରିଗଲୁ । ଏଣିକି ତାହା ସବୁ ଏକଯୋଗରେ କାର୍ଯ୍ୟ କରିବା ଏକାନ୍ତ

Digitized by srujanika@gmail.com

ମନ୍ତବ୍ୟ ହେଉଅଛୁ । ସହଯୋଗିଙ୍କର ଏହି ଉକ୍ତି ଅନେକ ସ୍ଥଳରେ ସତ୍ୟ ପ୍ରଯୋଜ୍ୟ ଏକତ୍ରେ ମିଶି କାର୍ଯ୍ୟ କରିବା ନିମନ୍ତେ ସମସ୍ତେ କଥାର ଆବଶ୍ୟକ ସନ୍ଦେହ ନାହିଁ । ମାତ୍ର କେବଳ କଥାରେ ଭଲ ଦେଖାଇବା ଭଲ ନୁହେ । କଥାମତେ କାର୍ଯ୍ୟରେ ପ୍ରବୃତ୍ତ ନ ହେଲେ କିଛି ଫଳ ହୁଏ ନାହିଁ । କଥା କେବଳ କଥାପ୍ରି ମାତ୍ର କାର୍ଯ୍ୟ ମୂଳ ହେଉଅଛି । ଅତ ଏବ ସବ ବିଶେଷ ପ୍ରକାର କାର୍ଯ୍ୟରେ ନେତୃହେବା ଉଚିତ । କାର୍ଯ୍ୟ ହେଲେହେଁ ସଫଳ ହୁଏ ନାହିଁ ।

---

ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ମାନ୍ୟବର ଶ୍ରୀ ପି, ଏସ, ଶିବ ସ୍ୱାମୀ ଆୟାର ଗଞ୍ଜାମ ଜିଲ୍ଲାର ସ୍କୁଲମାନଙ୍କର ଶିକ୍ଷକ ସମ୍ବନ୍ଧରେ ପ୍ରଶ୍ନ କରିବାରେ ଗବର୍ଣ୍ଣମେଣ୍ଟ ପକ୍ଷରୁ ଉତ୍ତର ଦିଆଗଲା ଯେ ଗଞ୍ଜାମ ଜିଲ୍ଲାର ଓଡ଼ିଆ ସ୍କୁଲ ସମୂହରେ ଓଡ଼ିଆ ଭାଷା ଅଟେ ନ ଜାଣିବା ବା ଅଳ୍ପ ଜାଣିବା ତେଲିଙ୍ଗା ଶିକ୍ଷକମାନେ ନିଯୁକ୍ତ ହେବ ଏବଂ ସେ ହେତୁ ଓଡ଼ିଆ ଛାତ୍ରମାନଙ୍କର ଶିକ୍ଷାର ବ୍ୟାଘାତ ହେଉଅଛି ବୋଲି ଗବର୍ଣ୍ଣମେଣ୍ଟଙ୍କୁ ଜଣା ନାହିଁ । ପରନ୍ତୁ ଟ୍ରେନିଂ ଏବଂ ଷ୍ଟେଟ୍ ପରୀକ୍ଷାରେ ଜିଲ୍ଲାର ଓଡ଼ିଆଭାଷୀ ପ୍ରଦେଶମାନଙ୍କରେ କଲେଜ ବିଶ୍ୱବିଦ୍ୟାଳୟର ଏଣ୍ଟ୍ରାନ୍ସ ପରୀକ୍ଷାରେ ପାସ କରିଥିବା ଓଡ଼ିଆମାନଙ୍କୁ ଶିକ୍ଷକ ପଦରେ ନିଯୁକ୍ତ କରିବାକୁ ଗବର୍ଣ୍ଣମେଣ୍ଟ ପ୍ରସ୍ତୁତ ଅଛନ୍ତି । ପ୍ରଜାବନ୍ଧୁ ଏ ବିଷୟ ପ୍ରଶ୍ନର ଉତ୍ତର ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ବିସ୍ତାରିତ ବିବରଣ ଜଣାଇବା କାରଣ ଗଞ୍ଜାମବାସୀଙ୍କୁ ମଧ୍ୟ ଅନୁରୋଧ କରିଅଛନ୍ତି । ଏବଂ ଓଡ଼ିଶାର ଶିକ୍ଷିତ ବ୍ୟକ୍ତିମାନଙ୍କୁ ଏ ସୁଯୋଗ ପରିତ୍ୟାଗ ନ କରିବାର ପରାମର୍ଶ ଦେଇଅଛନ୍ତି । ଶିକ୍ଷକ ଲୋଡ଼ା ଥିବାର ବିଜ୍ଞାପନ ଗଞ୍ଜାମର ଶିକ୍ଷା ବିଭାଗୀୟ କର୍ମଚାରୀମାନେ ଓଡ଼ିଶାରେ ପ୍ରଚାର କଲେ ପ୍ରାର୍ଥୀର ଅଭାବ ହେବ ନାହିଁ । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏହି ସୁବିଧାର ଅଭାବ ଯେତେବେଳେ ଜାଣିଅଛନ୍ତି ତେତେବେଳେ ଆଶା କରୁଅଛୁ ତାହା ମୋଚନ କରିବାର ଉଚିତ ଉପାୟ କରିବେ ।

---

ଉତ୍କଳ ସମ୍ମିଳନୀର ଅଭ୍ୟର୍ଥନା ଅଧିବେଶନରେ ଯେ ସମସ୍ତ ପ୍ରସ୍ତାବ ଅନୁମୋଦିତ ହେବ ଗତ ପ୍ରଜାବନ୍ଧୁରେ ପ୍ରକାଶିତ ହୋଇଅଛି । ସମ୍ମିଳନୀର ଶାସନନିୟମାଦି ସ୍ଥାପନ ଓ ତାହାର ଉଦ୍ଦେଶ୍ୟ ସ୍ଥିର କରିବା କାରଣ ମାସିକ ୫୧୦୦ ଟଙ୍କା ବେତନରେ ଜଣେ ସ୍ଥାୟୀ ସେକ୍ରେଟେରୀ, ଉତ୍କଳୀୟମାନଙ୍କ ଜାତୀୟମାନଙ୍କ ସହିତ ଭ୍ରାତୃଭାବ ସଂସ୍ଥାପନ ଚେଷ୍ଟା, ଉତ୍କଳ ଶିଳ୍ପ ପ୍ରଣାଳୀ ସମ୍ବନ୍ଧରେ ପ୍ରବନ୍ଧ ପ୍ରକାଶ ଏବଂ ଲୋକଙ୍କର ପ୍ରବୃତ୍ତି ଆକର୍ଷଣ କାରଣ ସ୍କୁଲ ସ୍ଥାପନ ନିମନ୍ତେ ଯତ୍ନବାନ୍ ହେବ ଏହି ପ୍ରକାର ପ୍ରସ୍ତାବ ଦେଖିବାକୁ ମିଳେ । ଲେଫ୍ଟେନାଣ୍ଟ ଓ ସାତଶତସତୀର ଟି ଜନାଗଣ, ଉତ୍କଳର ଜମିଦାର ବୃନ୍ଦମାନଙ୍କୁ ତଥା ଏବଂ ପ୍ରସ୍ତୁତ ମନ୍ଦିର ରକ୍ଷକ, ଧାର୍ମିକ ଶୁଦ୍ଧ ହେବା ଶୋକ ପ୍ରକାଶ ଏବଂ କେତେକ ବ୍ୟକ୍ତିଙ୍କର ଜୀବନୀ ପ୍ରକାଶ ଅନ୍ୟ ତୁଳ ପ୍ରସ୍ତାବର ମର୍ମ । ଅପେକ୍ଷା ଗୁରୁତର ପ୍ରସ୍ତାବ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ, ଗଞ୍ଜାମର କଲେକ୍ଟର ସମ୍ମିଳନୀରେ ଉପସ୍ଥିତ ହେବା ସମ୍ଭବନ ଏବଂ ସେବକ ପଣ୍ଡିତଙ୍କୁ ଧନ୍ୟବାଦ ଦେବା ଅନ୍ୟତମ ପ୍ରସ୍ତାବ । ଉତ୍କଳବାଣିଜ୍ୟ ବକ୍ତୃଲ ପ୍ରତ୍ୟର୍ଥେ କର୍ମଶାଳା ସ୍ଥାପନ, ଓ ଛାତ୍ରବୃତ୍ତି ଫଣ୍ଡ ସ୍ଥାପନ ବିଷୟକ ପ୍ରସ୍ତାବମାନ କିମ୍ବା ଏକଥା ଦ୍ୱାରା ଉତ୍କଳର ବହୁତ ଉପକାର ହୋଇଥାନ୍ତା ମାତ୍ର କେହି ସଭ୍ୟ ନୋଟିସରେ ଅଧିବେଶନ ବେଳେ ସେ ପ୍ରସ୍ତାବମାନ ଉପସ୍ଥିତ କରିପାରନ୍ତି ।

---

ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନ ସଙ୍ଗରେ ଉତ୍କଳ ସାହିତ୍ୟ ସମାଜର ଅଧିବେଶନ ହୋଇଆସୁଅଛି । ଏଥର ସେହି ସୁଯୋଗରେ ଉତ୍କଳ ସାମ୍ବାଦିକ ସମିତି ଏବଂ ସମ୍ବାଦପତ୍ରର ସମ୍ପାଦକମାନଙ୍କର ଗୋଟିଏ ସମ୍ମିଳନୀ ହେବାର ପ୍ରସ୍ତାବ ହୋଇଅଛି । ଏ ସମସ୍ତ ହିତାନୁଷ୍ଠାନ ସନ୍ଦେହ ନାହିଁ । ମାତ୍ର ଯେ ପର୍ଯ୍ୟନ୍ତ ମୂଳ ସମ୍ମିଳନୀର ଆଶାନୁରୂପ ପୁଷ୍ଟିସାଧନ ହୋଇ ନାହିଁ ସେ ପର୍ଯ୍ୟନ୍ତ ଅନ୍ୟାନ୍ୟ ସମିତି ଅଧିକ ସଫଳ ହେବାର ଆଶା ଦେଖୁ ନାହିଁ । ସାହିତ୍ୟ ସମାଜ ପ୍ରଭୃତି ସମସ୍ତ ସମ୍ମିଳନୀର ଉଦ୍ଦେଶ୍ୟର ଅନ୍ତର୍ଗତ ଅଟେ । ବର୍ଷରେ ଥରେ ସଭାରେ ବସି ସମ୍ମିଳନୀର ସଭ୍ୟ ଯେ ଉତ୍ସାହ ଓ ଉଦ୍ୟମର ପରିଚୟ ଦିଅନ୍ତି ଅଧିବେଶନ ଭାଙ୍ଗିବା ସଙ୍ଗେ ସେ ସମସ୍ତ ପ୍ରାୟ ଅଦୃଶ୍ୟ ହୋଇ ଯାଏ । ସମ୍ମିଳିତ ଯତ୍ନ ଓ ଅଧ୍ୟବସାୟ ଭିନ୍ନ କୌଣସି କାର୍ଯ୍ୟ ଅଗ୍ରସର ହୁଏ ନାହିଁ । ଅନେକ ପ୍ରସଙ୍ଗରେ ଏହାକେଲେ ହାତ ନ ଦେଇ କେବଳ ଗୋଟିଏ ପ୍ରଧାନ କାର୍ଯ୍ୟରେ ଗାଢ଼ରୂପେ ମନୋଯୋଗୀ ହେବା ଆମ୍ଭମାନଙ୍କ ବିବେଚନାରେ ଶ୍ରେୟସ୍କର ଅଟେ । ଉଚ୍ଚଶିକ୍ଷା ବିସ୍ତାର ଓ ଶିଳ୍ପ ବା ବାଣିଜ୍ୟର ବିସ୍ତାର ବିନା କୌଣସି ଉନ୍ନତିର ଚେଷ୍ଟା ସଫଳ ହେବ ନାହିଁ । ଅତଏବ ଏତନ୍ମଧ୍ୟରେ ସମ୍ମିଳନୀର ଏହି ଉଦ୍ଦେଶ୍ୟକୁ ସିଦ୍ଧ କରିବାକୁ ସମସ୍ତେ ଯତ୍ନବାନ୍ ହେବାର ଆମ୍ଭମାନେ କାମନା କରୁଁ ।

---

ଡିଷ୍ଟ୍ରିକ୍ଟ ମ୍ୟୁନିସିପାଲିଟି ଯାଜପୁର ବାଣ୍ଡ ବାନରମାନଙ୍କ ଉତ୍ପାତ ନିବାରଣ ଚେଷ୍ଟା କରୁଥିବାର ପାଠକମାନେ ଜାଣନ୍ତି । ବାନରମାନଙ୍କ ପାଇଁ ଏଥିପାଇଁ ଅନେକ ଯତ୍ନ ଓ ବ୍ୟୟରେ ଗୋଟିଏ ଖାଇବାଘର ସ୍ଥାପନ କରଯାଇଛି । ସମ୍ପ୍ରତି ରାଜା ମହୋଦୟଙ୍କର ପ୍ରେରିତ ଏହି ଖାଇବାଘରେ ଉଠାର ହୋଇଥିବା ଗୋଟିଏ ଚଳନ୍ତ ଓ ସହଯୋଗ ଏବଂ ଗୋଟିଏ ଭୁତ୍ୟ ଆମ୍ଭମାନେ ଦେଖି ଅତ୍ୟନ୍ତ ଆନନ୍ଦ ପ୍ରକାଶ କରୁଅଛୁଁ ଓ ରାଜାଙ୍କର ଏହି ମହତ ଚେଷ୍ଟା ଅନେକ ପରିମାଣରେ ସଫଳ ହୋଇଅଛି । ଓଡ଼ିଶା ବିଶେଷତଃ ଗଡ଼ଜାତ ପରି ଅନୁନ୍ନତ ସ୍ଥାନରେ ନୂତନ ପ୍ରକାର କିଛି କାର୍ଯ୍ୟରେ ହଠାତ୍ ନିପୁଣତା ଲାଭ କରିବା ସହଜ କଥା ନୁହେ । ସେ କାର୍ଯ୍ୟ ଆମ୍ଭମାନେ ଦେଖିଲୁଁ ତାହା ଏ ପ୍ରଦେଶରେ ନୂତନ ହେଲେହେଁ ଆଶାତୀତ ଉନ୍ନତ ହୋଇଅଛି କେବଳ ସ୍ୱଚ୍ଛନ୍ଦତାରେ କିଛି ଦୋଷ ରହିଅଛି । ଏହି ସ୍ୱଚ୍ଛନ୍ଦତା । କାର୍ଯ୍ୟ ଅଭ୍ୟାସ ଉପରେ ନିର୍ଭର ଏବଂ ଅନେକ ଅଭ୍ୟାସ ବିନା ଅପୂର୍ଣ୍ଣ ହେବାର ନୁହେ । ତହିଁରେ ଯେତେଦୂର କୃତକାର୍ଯ୍ୟତା ଲାଭ କରିଅଛନ୍ତି ଆଶା କରୁଅଛୁ ଯେ ଅଳ୍ପ ଦିନରେ ତାହା ଦୋଷଶୂନ୍ୟ ହେବ ଏବଂ ଓଡ଼ିଶାରେ ଡିଷ୍ଟ୍ରିକ୍ଟ ମଧ୍ୟରେ କାଳ ଜେଲଖାନା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟର ବ୍ୟବସାୟ ଲାଭପ୍ରଦ ହେବ । ଆମ୍ଭମାନେ ଏଥିପାଇଁ ରାଜା ମହୋଦୟଙ୍କୁ ଏକାନ୍ତ ଧନ୍ୟବାଦ ଦେଉଅଛୁଁ ।

---

ଗଡ଼ଜାତବାସୀ ଲେଖିଥିବାନ୍ତି ଯେ ଗଡ଼ଜାତମାନଙ୍କରେ ଏବର୍ଷ ଫସଲର ଅଶା ଯେପରି ବର୍ତ୍ତମାନ ଦେଖାଯାଉଅଛି ତହିଁରେ ଗଡ଼ଜାତ ପ୍ରଜାମାନଙ୍କର ଅନ୍ନକଷ୍ଟର ଭୟ ନାହିଁ । ଲଫଲାଭ ହେତୁ ଅଧିକାଂଶ ବର୍ଷ ଏହି ପ୍ରକାର ଫସଲରେ ଶ୍ରେୟର ଦର ହୋଇଥାଏ ତହିଁରୁ ଅନେକ ଲାଭ ହୋଇଅଛି । ବାଣିଜ୍ୟାବରୋଧ ଥିଲା ବୋଲି ସେମାନେ କୌଣସି ନିଶ୍ଚିତ ମୂଲ୍ୟ ଦେଇ ପାରୁ ନ ଥାନ୍ତି । ଏଥି ପାଇଁ ସହଯୋଗୀ ଗଡ଼ଜାତ ସୁହୃଦୟ ସାହେବଙ୍କ ସେ ନିୟମର ପରିବର୍ତ୍ତନ ନିମନ୍ତେ ଅନୁରୋଧ କରୁଅଛନ୍ତି । ଆମ୍ଭମାନେ ମନେ କରୁ ଯେ ଶାସନର ବିଶେଷ ଉପଯୋଗ ଅଟେ କି? ସୀମାବଦ୍ଧ କରିବାର ଅଧିକାର ରାଜାମାନଙ୍କର ଅଛି । ମାତ୍ର ତହିଁରୁ ହସ୍ତକ୍ଷେପ କଲେ ଉପକାର

ନେଲ୍ହିଙ୍କ ଲାଭର ହାନି ନ ହେବ ଅଥଚ ଭବିଷ୍ୟଅମାନେ ଭୂମିଦରେ ରକ୍ଷା ପାଇବେ ଏଥିର ସୁବ୍ୟବସ୍ଥା ସହଜ କଥା ନୁହେ । ଅଧିକାଂଶ ପ୍ରଜା ଭୂମିଶୂନ୍ୟ ଏବଂ ଭବିଷ୍ୟତ୍ରଙ୍କର ସଂଖ୍ୟା ଅଳ୍ପ । ଅଳ୍ପଲୋକଙ୍କ ଲାଭ ନିମନ୍ତେ ଅଧିକଲୋକର କ୍ଷତି ଯେମନ୍ତ ନ ହୁଏ ସେ ଆଡ଼କୁ ଦୃଷ୍ଟି ରଖି ରାଜା କୌଣସି ନିୟମ କଲେ ସରକାର ବା ଅନ୍ୟ କେହି ଆପତ୍ତି କରିପାରିବେ ନାହିଁ । ଏଣିକି ବାହାରର ବେପାରୀ ମାନେ କେତେ ଖାଦ୍ୟଦ୍ରବ୍ୟ କିଣି ନେଇ ଯାଉଅଛନ୍ତି ତହିଁର ହିସାବ ସଂଗ୍ରହ କରିବାର ଉପାୟ ହେଲେ ସ୍ଥାନୀୟ ପ୍ରୟୋଜନରୁ ଅଧିକ ବାହାର ଯାଉଅଛି କି ନା ଜଣା ପଡ଼ିବ ଏବଂ ତାହା ଜାଣି ସାବଧାନ ହେବାକୁ ହେବ ।

———

ଷଡସ୍ୟ ନିର୍ବାଚନ ଉପଲକ୍ଷରେ ଗତ ଶୋମବାର ଏ ନଗରର ମଉନିସିପାଲ କମିଶନର ମାନଙ୍କର ଏକ ବିଶେଷ ଅଧିବେଶନ ହୋଇଥିଲା ଯେଉଁ ବେଳେ ନେହି ପଦ ପ୍ରାର୍ଥିମାନଙ୍କର ନାମ ଉକ୍ତମତେ ପ୍ରସ୍ତାବ ଏବଂ ଅନୁମୋଦନ ହୋଇ ଗୃହୀତ ହେଲା ଏବଂ ବଙ୍ଗୀୟ କମିଶନରଙ୍କ ନିକଟକୁ ସେ ସମ୍ବାଦ ପଠାଗଲା । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ଏବଂ ଗୋକୁଳାନନ୍ଦ ଚୌଧୁରୀ ପ୍ରାର୍ଥି ସ୍ୱରୂପ ନେଜିଷ୍ଟ୍ରି ହୋଇଅଛନ୍ତି । ଏମାନଙ୍କ ମଧ୍ୟରୁ ଜଣାକୁ ନିର୍ବାଚନ କରିବେ ଏବଂ ମତ ଦେବା କାରଣ ତାହାଙ୍କୁ ପଠାଇବେ କମିଶନରମାନଙ୍କର ଗାହାଲା ଜାନୁୟାରୀ ମାହାର ତା ୬ ରଖର ଅଧିବେଶନରେ ସ୍ଥିର ହେବ । ଶୁଣାଯାଏ ସମ୍ବଲପୁର ମଉନିସିପାଲିଟି ଉକ୍ତ ପଦ ଲାଭକରିବାର ଯତ୍ନ କରି ଶ୍ରୀମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ନିଯୋଗ ଏବଂ ତାହାଙ୍କୁ ଶ୍ରୀ ମଧୁସୂଦନ ଦାସଙ୍କ ନିମନ୍ତେ ମତ ଦେବା ସକାଶେ ଉପଦେଶ ଦାନ କରୁଅଛନ୍ତି । ଗଞ୍ଜାମନ୍ୟ ମିଉନିସିପାଲିଟି କଣ କରିବାର ସମ୍ବାଦ ପାଇ ନାହୁଁ । ବାଲେଶ୍ୱରରେ କଣ ହୁଣା ହୁଣି ଚାଲିବାର ଶୁଣାଯାଏ । ଓଡ଼ିଶାର ସକଳ ମିଉନିସିପାଲିଟି ଯେବେ ଏକମତ ହେବେ ତେବେ ରକ୍ଷା । ନତୁବା ଓଡ଼ିଶାରେ ମତଭେଦ ଓ ନାଗପୁର ବସ୍ତରରେ ; ଏକମତ ହେଲେ ଆମ୍ଭମାନଙ୍କର ଜଣସ୍ତ କ୍ଷତି ହେବ । ଆପଣା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱ କରିବା ଭଲ ନୁହେ । ନିଜର ସ୍ୱାର୍ଥ କ୍ଷତି ବିବେଚନା ଅଣ୍ଡସ୍ଥରେ ଦେଶର ମଙ୍ଗଳ କାମନାରେ ଏକମତ ହେବାକୁ ସମସ୍ତଙ୍କୁ ଅନୁରୋଧ କରୁଅଛୁଁ । ଅନେକ ଯୋଗ୍ୟ ଅଛନ୍ତି ମାତ୍ର କେବଳ ଅଧିକ ଯୋଗ୍ୟ ନିଃସ୍ୱାର୍ଥ ଭାବରେ ବାଛିଲେ ବାଛିବା କଠିନ ନୁହେ ।

———

ବାମଣ୍ଡାର ସ୍ୱର୍ଗୀୟ ରାଜା ସର୍ ସୁଚଳ ଦେବଙ୍କ ସ୍ମୃତି ରକ୍ଷାର୍ଥେ ଯେଉଁ ସଭା ସଂସ୍ଥାପିତ ହୋଇଥିଲା ଗତମାସ ତା ୧୯ ରଖରେ ତାହାଙ୍କର ତୃତୀୟ ଷାମ୍ବତ୍ସରିକ ଉତ୍ସବରେ ଗୋଟିଏ ସାଧାରଣ ସଭାରେ ତହିଁର ସୁବ୍ୟବସ୍ଥା ହୋଇଥିବାର ସମ୍ବଲପୁର ହିତୈଷିଣୀରୁ ଅବଗତ ହେଲୁଁ । ସେହି ଟଙ୍କା ସୁଚଳ ସ୍ମୃତି ଫଣ୍ଡ ନାମରେ ଅଭିହିତ ହେଲା ଓ ସେହି ଫଣ୍ଡର ମୂଳଧନ ବୁଝିବାକୁ ନାମକୁ ଗୋଟିଏ କମିଟୀରେ ଗଠିତ ହେଲା । ତହିଁର କାର୍ଯ୍ୟ ଗୋଟିଏ କମିଟିଦ୍ୱାରା ଚାଳିତ ହେବ ଓ ତହିଁରେ ନ ୧୫ ଣ ସଭ୍ୟ ରହିବେ ସେ ସେମାନେ ରାଜସରକାର ଏବଂ ପ୍ରଜାବର୍ଗଦ୍ୱାରା ନିର୍ବାଚିତ ହେବେ । କୃଷିର ଉନ୍ନତି ନିମନ୍ତେ ଯଥା ବନ୍ଦକଟା କୂପାଦ ନିର୍ମାଣ ସହାଯେ ଯେଉଁ ଗଉନ୍ତିଆ ଓ ପ୍ରଜାମାନେ ଋଣ ନେଇ ବେ ସେମାନଙ୍କୁ ବାର୍ଷିକ ଟ ୬୧ ହା ସୁଧରେ ସେହି ପାଣ୍ଠିରୁ ଋଣ ଦିଆଯିବ ଏବଂ ସୁଧଟଙ୍କା ଯେତେ ଆଦାୟ ହେବ ତଦାର ସେହି ପ୍ରକାର କାର୍ଯ୍ୟ ନିମନ୍ତେ ଅନ୍ୟ ଅକ୍ଷମ ବ୍ୟକ୍ତି ବା ଗ୍ରାମବାସିଙ୍କୁ ସାହାଯ୍ୟ ଦିଆଯିବ । ଅବଶିଷ୍ଟ ବଳି ରହିଲେ ତାହା ଫଣ୍ଡରେ ଜମା ହେବ । ନିହିତ ସଙ୍ଗେ ରାଜସରକାରର କିଛି ସମ୍ପର୍କ ରହିବ ନାହିଁ । ନିମନ୍ତେ ଉକ୍ତ ଟଙ୍କା ବଳରାମପୁର ଅଥବା ଅନ୍ୟ ନିରାପଦ ସ୍ଥାନରେ ଫଣ୍ଡର ଟଙ୍କା ରଖିବେ । ଏ ବ୍ୟବସ୍ଥା ବାମଣ୍ଡାର ରାଜା ଏବଂ ସେଠାର ପ୍ରଧାନ ଲୋକଙ୍କର ସୁବୁଦ୍ଧି ଏବଂ ହାର୍ଦ୍ଦିକ ସ୍ନେହ କାମନାର ସୁନ୍ଦର ପରିଚୟ ଦେଉଅଛି । କୃଷିପ୍ରଧାନ ଦେଶରେ କୃଷିର ଉନ୍ନତି ସାଧନ ସର୍ବାପେକ୍ଷା ପ୍ରଧାନ କର୍ତ୍ତବ୍ୟ ବିଶେଷତଃ ସ୍ୱର୍ଗୀୟ ସର ସୁଚଳ ଦେବ ଯେଉଁ ଉନ୍ନତି ବିଷୟରେ ନିଜର ରାଜ୍ୟବର୍ଗ ମଧ୍ୟରେ ଅଗ୍ରଗଣ୍ୟ ଥିଲେ । ତାହାଙ୍କର ସ୍ମୃତି ରକ୍ଷା କୃଷି ଦ୍ୱାରା ହେବା ବଡ଼ ସଙ୍ଗତ ହୋଇଅଛି । ଅନ୍ୟାନ୍ୟ ସ୍ଥାନରେ ଦୃଷ୍ଟାନ୍ତ ଗ୍ରହଣ ହେବାର ଆମ୍ଭେମାନେ କାମନା କରୁଁ ।

———

ପୂର୍ବବଙ୍ଗଳାର ନୂତନ ଲେଫ୍ଟେନାଣ୍ଟ ଗଭର୍ଣ୍ଣର ସାହେବ କାର୍ଯ୍ୟ ଭାର ନେଇ ଢାକା ଯାଇଥିବା ବିଷୟ ପାଠକମାନଙ୍କୁ ଜଣାଅଛି । ସାହେବ ସେଠାରେ ପହଞ୍ଚିଲା ଉତ୍ତାରୁ ତାଙ୍କର କାର୍ଯ୍ୟ ଭାର ଗ୍ରହଣରେ ଅନ୍ଦୋଳନ ଉପସ୍ଥିତ ହେଲା ଏବଂ ପାଇଓନିୟର ବେଙ୍ଗଲି ନେଶନ ଦେ ସମ୍ବାଦପତ୍ର ଗୋଷ୍ଠୀରେ ଉପସ୍ଥିତ କରିବା ପାଇଁ ପ୍ରସ୍ତାବ କରିବାରେ ଷ୍ଟେଟସମ୍ୟାନ ମହୋଦୟ ସେ ଆଗତ ପତ୍ର ଅଗ୍ରଣୀ କଲେ । ଏ ଦେଶର ରଳ ସମ୍ବାଦପତ୍ରମାନଙ୍କରେ ଲୁମନ ଉର୍ଦ୍ଦ ସପ୍ରସ୍ତୁତ ହୋଇଅଛି । ଷ୍ଟେଟସମ୍ୟାନ ପତ୍ରିକା ପ୍ରକାଶ କରିଅଛନ୍ତି ଯେ ସଂବାଦପତ୍ରରୁ ତାଙ୍କର ପଦତ୍ୟାଗ ଅବଶ୍ୟମ୍ଭାବୀ ହୋଇପଡ଼ିଲା ଏବଂ ସେ ବଡ଼ଲାଟଙ୍କ ସଙ୍ଗେ ପୂର୍ବରୁ ପରାମର୍ଶ କରିଥିଲେ ଏଣେ ସରଳ କଥା ଯାଇ ନ ଥାଲା । ମଧ୍ୟ ତାଙ୍କର କାର୍ଯ୍ୟ ସଙ୍ଗତିର ଅନୁକୂଳ ନ ହେଲେହେଁ ତାଙ୍କର ପଦତ୍ୟାଗରେ ଦେଶୀୟ ଲୋକେ ବୁଝି ପାରିଲେ ସେ ଲେଫ୍ଟେନାଣ୍ଟ ଗଭର୍ଣ୍ଣର ବ୍ୟକ୍ତି ମଧ୍ୟ ଅନ୍ଦୋଳନ ନେତୃତ୍ୱଦ୍ୱାରା ବିତାଡ଼ିତ ହୋଇଥାଉଛନ୍ତି । ଟାଇମସ୍ ପତ୍ରିକା ଭଲରକ ମୁଖପାତ୍ର ଏବଂ ତହିଁର ଲେଖା ଭଙ୍ଗୀରୁ ପ୍ରକାଶ ଯେ ଭାରତର ନିଜେ ଶାସନବର୍ଗଙ୍କୁ ଏକଲ ଛାଡ଼ିଦେବା ସେ ସମୁଚିତ ବିବେଚନା କରନ୍ତି ନାହିଁ । ଫୁଲର ସାହେବଙ୍କ କାର୍ଯ୍ୟମାନ ତେତେଦୂର ନିନ୍ଦନୀୟ ଏବଂ ଦେଶୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷର ପ୍ରଶ୍ନରୁ ଯେଉଁ ଅନ୍ଦୋଳନ ଉପସ୍ଥିତ ହୋଇଥିଲା ତାହା ଯୁକ୍ତିସଙ୍ଗତ କି ନା ଏ ବିଷୟ ସ୍ଥିର ଭାବରେ ଉକ୍ତ ପତ୍ରିକା ବିଚାର କଲେ ନାହିଁ । ଇଂରାଜ ଅଧୀନରେ ଶାନ୍ତି ମୁକ୍ତି ପାଉଥିବା ଦେଶୀୟ ଲୋକଙ୍କୁ କଠୋର ଭାବରେ ଶାସନ କରିବା ଟାଇମସ୍ ପତ୍ରିକାଙ୍କୁ ସୁସଙ୍ଗତ ବୋଲି ଜଣାଯାଇ ପାରେ ମାତ୍ର ସ୍ୱଭାବର ସମଦର୍ଶୀ ଭାରତ ସଚିବ ଅଥବା ବଡ଼ଲାଟ ବା କୌଣସି ନ୍ୟାୟପର ଇଂରାଜଙ୍କୁ ତାହା ସଙ୍ଗତ ବୋଧ ହେବ ନାହିଁ । ଷ୍ଟେଟସମ୍ୟାନ ପତ୍ରିକା ଲେଖିଅଛନ୍ତି ଯେ ଫୁଲର ସାହେବ ସମଗ୍ରବାଙ୍ଗ ଶାସନବର୍ଗ ହେଲେହେଁ ତାଙ୍କର ଅଦୂରଦର୍ଶିତା ଧୃଷ୍ଟାମିତ୍ ସେ ଏତେ ଦୂର କଠୋର କରିଦେଲେ ଏ ତାଙ୍କର କଥା ଥାଇ ପାରିବା ଅସମ୍ଭବ ହୋଇଗଲା । ଏହି ପତ୍ରିକାର ମନ୍ତବ୍ୟ ସେ ସମ୍ପୂର୍ଣ୍ଣ ସତ୍ୟ ଏଥିରେ ସନ୍ଦେହ ନାହିଁ ଏବଂ ଏଥିରୁ ପାଠକେ ସହଜରେ ବୁଝି ପାରିବେ ଯେ ଭାରତ ବେପଦାରେ ଦୁଃଖିତ ହେବା ଲୋକ ...କରେ ଅଛନ୍ତି ।

———

ହିନ୍ଦୁ ପେଟ୍ରିଅଟ ଲେଖିଅଛନ୍ତି କି ... ଚନ୍ଦ୍ରମାଧବ ଘୋଷ ଭାରତୀୟ ସାମାଜିକ ... ଭର ଆଗାମୀ ଅଧିବେଶନର ସଭାପତି ହେବାକୁ ଜାସ୍ତି କରିବାକୁ ବାବୁ ନରେନ୍ଦ୍ରନାଥ ସେନ ସଭାପତି ମନୋନୀତ ହୋଇଅଛନ୍ତି । ... ଥିଲେ ଯେ ବିଧବା ବିବାହ ପ୍ରସଙ୍ଗରେ ... ଘର ଜୈନେନ୍ଦ୍ର ଦେବାଙ୍କ ସହିତ ତାହାଙ୍କର ମତଭେଦ ଘଟିବା ହେତୁ ସେ ଜାସ୍ତି ...

ଅଛନ୍ତି । ଘୋଷ ମହାଶୟଙ୍କର ମତ ଏହି ଯେ ଏହି ବ୍ୟବସ୍ଥାରେ ପ୍ରଥମ ଅବସ୍ଥା ଏବଂ ଜନସାଧାରଣଙ୍କର ମତ ଦୃଷ୍ଟିରେ ବାଲ୍ୟବିବାହର ପ୍ରଥାକୁ ଦେବାର ସହ କରିବା ଉଚିତ ଏବଂ ବୟସର ବୃଦ୍ଧି ବିନା ସମସ୍ତ ବିଧବାର ବିବାହ ବିଷୟରେ ମୋ ମତ ଦେଇ ନ ପାରନ୍ତି । ପକ୍ଷାନ୍ତରେ ବାବୁ ନରେନ୍ଦ୍ରନାଥ ସେନ ବୟସର ସୀମା ରକ୍ଷିବା ସପକ୍ଷରେ ନୁହନ୍ତି, ତାହାଙ୍କର ଅଭିପ୍ରାୟ ଯେମନ୍ତ ବିଧବା ଭୁଲ ନିର୍ମୂଳ ହେବ । ନାହିଁ ହିନ୍ଦୁ ସମାଜର କର୍ତ୍ତୃପକ୍ଷମାନଙ୍କରେ ଅନେକ ଲୋକ କେତେଦୂର ସିବାକୁ ସମ୍ମତ ହେବାର କହାଯାଇ ଆଶା କରି ଯାଇ ନ ପାରେ । ନୂତନ ବ୍ୟବସ୍ଥାର କରିବାକୁ ଗଲେ ସାବଧାନ ପୂର୍ବକ ଧୀରେ ଧୀରେ ଚଳାଇବା ପାରପର୍ଯ୍ୟନ୍ତ ଏକାବେଳେ ଉର୍ଦ୍ଧ୍ୱସୀମାକୁ ଉଠିବା ବିଜ୍ଞଜନର କାର୍ଯ୍ୟ ନୁହେ । ବାଲ୍ୟବିଧବାର ପୁନର୍ବାର ବିବାହର ଆବଶ୍ୟକତା ଅଧିକାଂଶ ହିନ୍ଦୁ ଅନୁଭବ କରୁଅଛନ୍ତି । ଅନେକ ତାହାର ସହାନୁଭୂତି ଦେବା କର୍ତ୍ତବ୍ୟ ବୋଲୁଅଛନ୍ତି । ତାହା ସମ୍ବନ୍ଧେ ପ୍ରଚଳିତ ହୋଇଗଲେ ବୟସର ସୀମା ଉପରକୁ ଉଠାଇ ନେବା ସହଜ ହେବ । ଆମ୍ଭମାନଙ୍କରେ ବୟସ୍କ ବିଧବାର ବିବାହ ଧର୍ମସଙ୍ଗତ ହେଲେହେଁ ଲୋକାଚାର କରୁଥିଲେ ଏକାବେଳେ ଛଡ଼ା ହେବା ସମ୍ଭବପର ନୁହେ, ଅମ୍ଭେମାନେ ସହଯୋଗୀ ବେଙ୍ଗଲିଙ୍କ ସହିତ ଏକ ମତ ହୋଇ ଘୋଷ ମହାଶୟଙ୍କର ଉଦାର ପ୍ରସ୍ତାବର ସମର୍ଥନ କରୁଅଛୁଁ । ଆଶା କରୁ ସାମାଜିକ ସମିତିର ନେତାମାନେ ସେହି ମତକୁ ଅବଲମ୍ବନ କରିବେ । ଅତଏବ ଅନୁମାନ ହେଲୁଁ ଯେ ଏହି ମତ ଭେଦ ମୀମାଂସା ପାଇଅଛି ଏବଂ ଘୋଷଙ୍କ ମହୋଦୟ ଏକ୍ଷଣେ କେବଳ ସମ୍ମତ ହୋଇଅଛନ୍ତି ବଡ଼ ଅନନ୍ଦର ବିଷୟ ଅଟେ । ଏଥିରୁ ପାଠକମାନେ ଦେଖିବେ ଯେ ବାଲ୍ୟ ବିଧବା ଅଥାତ୍ ଶିଶୁ ଥାଇବା ନୁହେ ବିଧବା ହୋଇଥିବା କନ୍ୟାର ପୁନର୍ବିବାହ ପ୍ରଥା ସକଳ ହିନ୍ଦୁ ସମାଜର ନେତାମାନେ ଏକମତ ହୋଇଅଛନ୍ତି ଯେଉଁମାନେ ଏପରି ବିବାହ ପସନ୍ଦ ନ କରନ୍ତି ସେମାନେ ବାଲ୍ୟ ବିବାହ ନ ଦେଲେ ସେ ଦାୟ ଛଡ଼ାଇ ପାରିବେ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଢ଼ୁଙ୍କୁରେ ସର୍ବଦା ଡାଃ ମାଇକ୍ଷ୍ଟେଟ ଏବଂ ଡାଃ କଲେକ୍ଟର ମିଃ ଏଚ, ଡାଃ ଟେମ ବେଗୋହଜାହିବାଗର ଡାଃ କମି-ଶନର ହେଲେ ।

ନିମ୍ନଲିଖିତ କର୍ମଚାରୀମାନେ ୮ମ ଶ୍ରେଣୀର ଡାଃ ମାଇଷ୍ଟ୍ରେଟ ଏବଂ ଡାଃ କଲେକ୍ଟର ହେଲେ ।

ବାବୁ ରାଧାମାଧବ ନାୟକ

ବାବୁ ବାଳମୁକୁନ୍ଦ କାନନଗୋ

ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ଶିକ୍ଷା ନବିସ ଡାଃ କଲେକ୍ଟର ହେଲେ ।

ମଉଲବୀ ନସିରୁଲହକ ବି, ଏ

ବାବୁ ଝଞ୍ଜମ ପୂଜାରୀ ବି, ଏ

" ବଙ୍କବନ୍ଧୁ ମିଶ୍ର ବି, ଏ

ମିଃ ମଉଲବୀ ସୟଦ ଓ୍ୟାଜିକଅଲି, ବି, ଏ,

ଇଣ୍ଡିୟା ସର୍ଭେଇଲାକାର ଏକ୍ଟିଂ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ସି, ଏସ, କୋଅଲ ଏବଂ ସି, ଏଚ, କା ଜନସନ ପାଦ୍ଦ କୁଦ, ମାଲୁଦ, ବଳରକୋଟ ଅଫାରୀ ଏବଂ ମାଣିକପଟଣା ପ୍ରଦେଶମାନଙ୍କରେ ଥିବା ଜାଗିର ମାହାଲ ଜରୀବ ନିମନ୍ତେ ପୁରୀ ଜଲାର ସର୍ଭେଇଲାକାର ଏସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ହେଲେ ।

ନିମ୍ନଲିଖିତ କର୍ମଚାରୀମାନେ ୬ଷ୍ଠ ଶ୍ରେଣୀର ସବ ଡେପୋଟି କଲେକ୍ଟର ହେଲେ ।

ବାବୁ ହରିମିଶ୍ର ସ୍ୱଦରକାନୁନଗୋ ବାଲେଶ୍ୱର

ବାବୁ ବଂଶୀଧର ନାୟକ,ବି,ଏ,

ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ଶିକ୍ଷାନବିସ ସବ ଡେପୁଟି କଲେକ୍ଟର ହେଲେ ।

ବାବୁ ଗୌର କିଶୋର ଦାସ ବି, ଏ

" ଉମାଚରଣ ଦାସ "

" ହେ ଲୋକନାଥ ମିଶ୍ର "

---

## ସ୍ଥାନୀୟ ସମ୍ବାଦ ।

ଗତ ତ ୨ ଋତୁ ଅକାଶ ସାମାନ୍ୟ ମେଘାଚ୍ଛନ୍ନ ହୋଇଅଛି ଏବଂ ସେହିହେତୁ ଶୀତ କିଛି ଉଣା ଅଛି ।

ଏ ନଗରର କମିଶନର ସାହେବ ବାଲେଶ୍ୱର ଗସ୍ତରେ ବାହାରିଅଛନ୍ତି ।

ସରୀର ଦହରା ଗତ କାଲି ଆରମ୍ଭ ହେଲା । କଲେକ୍ଟର ସାହେବ ସେଠାକୁ ଯାଇ ଯାଇଛନ୍ତି ।

ଏଠା କଲେକ୍ଟର ସାହେବ ଗତ ମଙ୍ଗଳବାର ଦର୍ଶନ ଅର୍ଥ କଟକ ଯାତ୍ରା କଲେ ।

ଏଠା ଜଜ ହୋ ସା ଓ ଦାବୁ ଲାଲଚନ୍ଦ ଘୋଷ ଏ ଉତ୍ସବରେ ୯ଃ କାର୍ଯ୍ୟରେ ଯିବା ସ୍ୱଗ ବୋଧ ସା ଡାଃ ବାବୁ ଜଗନ୍ନାଥ ଚକ୍ରବର୍ତ୍ତୀ ଏଠା ସବରେଜେଷ୍ଟ୍ରି ଅଫିସର ।

ଗତ ମଙ୍ଗଳବାର ଗୋଟାଏ ଅଗ୍ରଦ୍ୱାରୀ ସହରେ ଅଗ୍ନି ଲାଗି ଏକ ଘରୁଜନ ଘୋଡ଼ାଗଲା ।

ପୁରୋହିତଙ୍କୁ ପାଞ୍ଚ ଶହ ୯୧୨ ଟ ପୁରୁଷ ସ୍ତ୍ରୀଜନ ହେଁଟରେ ଏ ଟୋକାନ ଅଛନ୍ତି ।

ବାମଣ୍ଡାର ରାଜକୁମାର ଶ୍ରୀମାନ ଜଲଦେବ ଦେବ କୁଅର ଓ ଶ୍ରୀମାନ ଭୂପେନ୍ଦ୍ର ଦେଓ ପ୍ରଭୃତି ରାଜକୁମାର ଓ ପାଲଲହଡ଼ାର ରାଜାମାନେ ପରସ୍ପର ରୋଇଁ ବାମଣ୍ଡାର ରାଜଭ୍ରାତା ଶ୍ରୀମାନ ବଳଦେବ ଦେଓ ଲୁ ଅଭି ଦେଉଳିଙ୍କ ସହିତ କାଳରେତରେ ରେଗାଲି ନାମରେ ଏକତ୍ର ଅବସ୍ଥାନ କରୁଅଛନ୍ତି । ରାଜାମାନଙ୍କ ମଧ୍ୟରେ ଏପରି ବନ୍ଧୁ ମଇତ୍ର ବଡ଼ ପ୍ରୀତିକର ଅଟେ । ବାଃ ଦାଃ

ସୁନୁଣା ଅକ୍ଷର ସମସ୍ତ ପରିମାର୍ଜିତ ହେବାରେ ନୂଆ ଅକ୍ଷର ଅଣାଇବା ଏବଂ ଯନ୍ତ୍ରାଳୟ ସ୍ଥାନାନ୍ତରର ବନ୍ଦୋବସ୍ତ ହେଉଥିବା ହେତୁ ବାଲେଶ୍ୱର ସମ୍ବାଦ ବାହିକା କେତେକ ସପ୍ତାହ ସକାଶେ ବନ୍ଦ ହୋଇଅଛି ।

ପଞ୍ଚିମକାଠର ଜଣେ ଗାଡ଼ି ଥିବାରୁ ଡାକ୍ତରଙ୍କ ପରାମର୍ଶରେ ସାମନ୍ତଙ୍କ ବାବୁ କୈବଳ୍ୟ ଚନ୍ଦ୍ର ସାମନ୍ତ କଟକ ସ୍ଥିତ କୌଣସି ସ୍ଥାନରେ କିଛି ଦିନ ରହିବାର ବନ୍ଦୋବସ୍ତ କରୁଅଛନ୍ତି ।— ସ୍ୱଃ ବାଃ

ଗଞ୍ଜାମ ବ୍ରହ୍ମପୁର ପରି କ୍ଷୁଦ୍ର ସହରରେ ବ୍ୟାସର ଏବଂ କଟି ଇତ୍ୟାଦି ଯାହାର ଅଭାବ ହେଲେହେଁ ସେଠାର ମ୍ୟୁନିସିପାଲଟି ଜନିତ ଏସବ ସମସ୍ତ ଯୋଗାଇବାର ସାଧ୍ୟମତେ ଚେଷ୍ଟା କରୁଅଛନ୍ତି । ସହଯୋଗୀ ପ୍ରକାଶକ ଉଇଷ୍ଣା ଦେଇଅଛନ୍ତି ଯେ ବଶେଷ ଅସୁବିଧା କିଛି ହେବ ନାହିଁ । ମାତ୍ର ପୂର୍ବରୁ କମିଟିକୁ ସମ୍ବାଦ ଦେଲେ ଭଲ ହେବ ।

ବାବୁ ରାଧାଚରଣ ଦାସ ବାଲେଶ୍ୱର ଲୋକାଲ ବୋର୍ଡର ଭାଇସ୍‌ଚେୟାରମାନ ନିଯୁକ୍ତ ହୋଇଅଛନ୍ତି । ଯେଉଁମାନେ ରାଜା ବୈକୁଣ୍ଠନାଥ ଦେ ବାହାଦୁରଙ୍କୁ ଏ ପଦ ପ୍ରାର୍ଥୀ ହେବା କାରଣ ପ୍ରବର୍ତ୍ତାଇଥିଲେ ସେହିମାନେ କାର୍ଯ୍ୟ କ୍ଷେତ୍ରରେ ଭିନ୍ନ ମତ ପ୍ରଦାନ କଲେ ।— ଓଃ ଓଜଃ

## ମୟୂରଭଞ୍ଜ ସମ୍ବାଦ ।

ମୟୂରଭଞ୍ଜର ଗବର୍ଣ୍ଣମେଣ୍ଟ ଏଜେଣ୍ଟ ଗତ ମାସ ତା ୨ ତାରିଖରେ ବାରିପଦା ହାଇସ୍କୁଲ ପରିଦର୍ଶନ କରି ସନ୍ତୁଷ୍ଟ ହୋଇ ହେଡ଼ ପଣ୍ଡିତଙ୍କର ବେତନ ଟ ୨ ଙ୍କା ବୃଦ୍ଧି କରିଅଛନ୍ତି, ସ୍କୁଲର କେତେକ ଅବଶ୍ୟକୀୟ ଉପକରଣର ଅଭାବ ଶୀଘ୍ର ମୋଚନ କରିବାର ଆଦେଶ କରିଅଛନ୍ତି । ବିଦେଶୀୟ ଛାତ୍ରମାନଙ୍କ ରହିବା ନିମିତ୍ତ ବୋର୍ଡିଂହାଉସ ନ ଥିବାରୁ ବୋର୍ଡିଂଘରର ଇଷ୍ଟିମେଟ ସବ ଓଭରସିୟରଙ୍କୁ ତଲବ କରିଅଛନ୍ତି ।

ଏ ଜିଲ୍ଲାରେ ଅଧିକାଂଶ ପ୍ରଜା ଏ ସବୁ ଜମିମାନ ସାଲ ବନ୍ଧକ ଦେଇ ମହାଜନଙ୍କଠାରୁ ଟଙ୍କା କରଜ ନେଇ ତାହା କ୍ରମଶଃ ବୃଦ୍ଧି କରି ଋଣଗ୍ରସ୍ତ ହୋଇ ଅନ୍ୟାନ୍ୟ ରାଜ୍ୟକୁ ପଳାଇ ଯାଉଥିବାରୁ ଏଜେଣ୍ଟ ମହୋଦୟ ବାର୍ଷିକ ଟ ୦ / ଅଣା ସୁଧରେ ଟଙ୍କା କରଜ ଦେଇ ସେମାନଙ୍କ ଜମି ମହାଜନଠାରୁ ମୁକ୍ତ କରାଇ ଅଶେଷ ପ୍ରଶଂସାର ଭାଜନ ହେଉଅଛନ୍ତି ।

ଧାନକଟା କାର୍ଯ୍ୟ ଶେଷ ହୋଇ ନାହିଁ । ମାତ୍ର ଧାନର ମୂଲ୍ୟ ଦିନକୁ ଦିନ ବୃଦ୍ଧି ହେଉଅଛି । ନୂଆଧାନ ପ୍ରଗତ୍ର ଟ ୨୫ଙ୍କାରେ ମିଳିବା କଷ୍ଟ । ଗରୀବ ଲୋକମାନେ ଏଥରେ କିପରି ପାଶ୍ୱଧାଇଣ କରିବେ ।

ଦୁର୍ଭିକ୍ଷହେଲା ଏହିସମୟେ ବନ୍ୟାର ମାତବାର ଦେଖା ଯାଉଅଛି । ଏବର୍ଷ ବନ୍ୟାରେ ମାତ୍ର ୨୧୧ ଗୋଟି ମନୁଷ୍ୟ ଓ କେତେକ ଗୋ ମହିଷାଦି ନଷ୍ଟ କରିବାରୁ ଲୋକେ ଭୟକରି ଜଙ୍ଗଲକୁ ଯାଇ ନାହାନ୍ତି ।

ପୋଷ୍ଟଅଫିସ ଏଠାରୁ ଅନେକଦୂର ଥିବାରୁ ଓ ପୋଷ୍ଟମ୍ୟାନ ଡାକ୍ତାର ଦଣ୍ଡ ପାଇ ଅନୁସାରେ ଅସିବାରେ ଲୋକମାନେ ଚିଠିପତ୍ର ଯଥାସମୟରେ ପାଇ ପାରୁ ନାହାନ୍ତି ।

## ସଧାରଣ ସମ୍ବାଦ ।

ଛଅ ଧାରଣ କରି ଆକାଶମାର୍ଗକୁ ଉଠିବାର ପ୍ରବନ୍ଧ ବର୍ତ୍ତମାନ ହେଙ୍ଗ ଫ୍ରାଇସ ସାହେବ ପ୍ରଦର୍ଶନ କରୁଥିବାର ପାଠକମାନଙ୍କୁ ଜଣାଅଛି । ପୃଥିବୀର ଚତୁର୍ଦ୍ଦିଗରେ ଏହାଙ୍କର ପରିଭ୍ରମଣ ୭୪ ଥର ହୋଇଅଛି ଏବଂ ସେ ତଳ ଥିବା ଅକାଶକୁ ୨୦୦୦ ଥର ଉଠିଅଛନ୍ତି । ଏତେଥର ଛତ୍ରଧରି ଉଠି ପଡ଼ିବା ଥରେ ଘୋଡ଼ା ମିରଦ ଛିବା ଭିନ୍ନ ଅନ୍ୟ କୌଣସି ବିପଦ ଘଟି ନାହିଁ ।

କାଶ୍ମୀର ରାଜ୍ୟରେ ଗଜବାନ୍ଧମଣିର ଖଣି ଖନନ କାର୍ଯ୍ୟ ଆରମ୍ଭ ହୋଇଅଛି । ଏ ଖଣି ସମୁଦ୍ର ସମତଳର ୧୫୦୦୦ ଫିଟ ଉପରେ ଅବସ୍ଥିତ ।

ରଙ୍ଗପୁରର ପ୍ରଧାନ କଲେଜରେ ବାରିଷ୍ଟରମାନେ ପିସ ସକାଶେ ନାଲିସ କରି ପାରିବା ଏବଂ ଡାକ୍ତରମାନେ ଅନ୍ୟାୟ କାର୍ଯ୍ୟ କଲେ ତାଙ୍କ ନାମେ ମକଦ୍ଦମା ନାଲିସ କରି ପାରିବାର ଜାରି ହୋଇଅଛି । ବ୍ୟାରିଷ୍ଟରମାନେ ଏକଟେବଲର ସପକ୍ଷ ଅବଲମ୍ବନ କରିବାକୁ ଜିଦ୍ଦି କଲେ । ତାହା ମଞ୍ଜୁର ହେଲା ନାହିଁ ।

Split by PDF Splitter

Digitized by srujanika@gmail.com

ମାଲସ୍ ରାଜ୍ୟରେ ଚୀନର ଲୋକମାନଙ୍କ ମଧ୍ୟରେ ଯୁଅଖେଳର ପ୍ରଥା ପ୍ରଚଳିତ ଅଛି । ମାଲସ୍ର ଅଧିବାସିଙ୍କ ମଧ୍ୟରେ ଏ କୁପ୍ରଥା ନାହିଁ । କୁତ୍ର ପ୍ରଥା ଉଠାଇ ଦେବା ପ୍ରସଙ୍ଗରେ ବିଲାତ ପାର୍ଲିଆମେଣ୍ଟରେ ଆମ୍ଭମାନଙ୍କର ବୈଦେଶିକ ମନ୍ତ୍ରୀ ପ୍ରକାଶ କଲେ ଯେ ବହୁକାଳରୁ ଏହି ପ୍ରଥା ପ୍ରଚଳିତ ଅଛି ଏବଂ ତାହା ଏକାବେଳେ ବନ୍ଦ କରିଦେବା ସମୀଚୀନ ନୁହଇ ।

ପାରସ୍ୟର ସାହାର ଅବସ୍ଥା ମୁମୂର୍ଷୁ ପ୍ରାୟ ହୋଇଅଛି । ଯୁବରାଜ ସିଂହାସନରେ ଆରୋହଣ କରିବାର ସମ୍ଭାବନା ଅଛନ୍ତି ।

ମାର୍କିନ ରାଜ୍ୟର ଉପନିବେଶ ପୋର୍ଟୋରିକୋ ଦ୍ୱୀପରେ ଗତମାସ ତା ୬ ରିଖରେ ଭୟାନକ ଭୂମିକମ୍ପ ହୋଇ ଲୋକଙ୍କ ଭୟ ଜନ୍ମାଇଥିଲା । ବାହାଡୋସ ଏବଂ ସେଣ୍ଟ୍-ଲୁସିଆରେ ମଧ୍ୟ ତାହା ଘଟିଥିଲା ମାତ୍ର କ୍ଷତିର କୌଣସି ସମ୍ବାଦ ଆସି ନାହିଁ ।

ରୁସିଆ ଜାପାନ ସହିତ ଯୁଦ୍ଧରେ ବ୍ୟାପୃତ ଥିବା ସମୟରେ ବୋଖାରାର ଅମୀର ବିଶେଷ ସାହାଯ୍ୟ କରିଥିବା ହେତୁ ରୁସିଆର ସମ୍ରାଟ ତାଙ୍କୁ ଉଚ୍ଚ ଉପାଧି ପ୍ରଦାନ କରିଅଛନ୍ତି ।

---

## ପତ୍ର-ପ୍ରେରକଙ୍କ ପ୍ରତି

ବାବୁ ଲକ୍ଷଣ ରାଉତ—ଜଣେ ଲୋକ ବାଲିଗାଁ ବାରବାଟି ହୋଇ କେବେକାଳ ହୁସ୍ ପରେ ଜାତ ହେବାର ଲେଖିଅଛନ୍ତି । ଏ ବିଷୟ ବ୍ରାହ୍ମଣମାନଙ୍କର କହିବାର । ସାଧାରଣଙ୍କ ଜଣାଇବାରେ କିଛି ଫଳ ନାହିଁ । ଅତଏବ ଉପେକ୍ଷିତ ହେଲା ।

ଶ୍ରୀ—ଆପଣଙ୍କର ନାମ ଧାମ ନ ଥିବା ପୁଣି ଅନୁଚିତ ବିଷୟ ଲେଖା ଥିବାରୁ ଅଗ୍ରାହ୍ୟ ହେଲା ।

ଶ୍ରୀ ବାଲୁଗାଁ ମହାପାତ୍ର—ଭରତୋଳ ପୋଷ୍ଟମାଷ୍ଟରଙ୍କର ବୃତ୍ତାନ୍ତ ଓ ତାହାଙ୍କ ନାମରେ କେହି ଅଯଥା ଦୋଷାରୋପ କରିବା କଥା ଲେଖିଅଛନ୍ତି । ଅନୁସନ୍ଧାନ ପୂର୍ବରୁ ଏହା ପ୍ରକାଶ କରିବା ଉଚିତ ବୋଧ ହେଉ ନାହିଁ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର

ଶ୍ରୀଯୁକ୍ତ "ଉତ୍କଳ ଦୀପିକାର ସୁଯୋଗ୍ୟ ସମ୍ପାଦକ

ମହାଶୟ ସମୀପେଷୁ

ଶ୍ରୀମନ୍ତେଷୁ ଦୟା !

ଆପଣଙ୍କ ପତ୍ରିକାର ଗତ କୌଣସି ସଂଖ୍ୟାରେ ମୁଁ ଭୋଟ ଦେବାର ଉଦେଶ ଲେଖିଥିଲି ଯେ ଧଳାପଥର ( ଶ୍ରୀ ଯୁକ୍ତ ଗୋବିନ୍ଦ ଚନ୍ଦ୍ର ମହାନ୍ତି ) ଗତ ଭଗସଂକ୍ରାନ୍ତି ଉପଲକ୍ଷରେ ମୋହର ନିକଟରେ ଅନୁନୟ—ବିନୟରୁ ଉପେକ୍ଷା କରି ପ୍ରାୟ ଶତାଧିକ ଟଙ୍କାର ବିଭଗ ଲୁଗା ନେଇ ଯାଇଅଛନ୍ତି ଯାହାଙ୍କଠାରୁ ମୋହର ପାଉଣାସ୍ୱ ସମ୍ବନ୍ଧ ବିଚାର କରିଥିବାର ଉଲ୍ଲେଖ କରି ଗୋଟିଏ ପତ୍ର ପ୍ରକାଶ କରିଥିଲି । ବର୍ତ୍ତମାନ, ଅତୀବ ଦୁଃଖର ସହିତ ଜଣାଉଅଛି ଯେ ଉକ୍ତ ମହାଶୟ ହୁକୁମ ଅବହେଳା ପାଇ ପାଉଣା ଅନୁଚିତ ହୋଇ ତଣାହିସାପ ଇ, ସ—.ଶାଖା—ସମ୍ପର୍କର ନାଗର ଅସ୍ତ ବାକି ଅଧିବେଶନ ସଙ୍ଗ ମଣ୍ଡପରେ ଉପସ୍ଥିତ ସଭ୍ୟ

ସାଧାରଣଙ୍କ ସମକ୍ଷରେ ଆପଣାର ଅପରାଧ ସ୍ୱୀକାର କରି ଧରିଥିଲେ ମଧ୍ୟ ସମ୍ପୂର୍ଣ୍ଣ 'ସ୍ୱଦେଶୀ'—ଅନୁରାଗୀ ହେବେ ବୋଲି ପ୍ରତିଜ୍ଞା ହୋଇଅଛନ୍ତି । ସୁତରାଂ ମୁଁ ସେ ବିଷୟ ପ୍ରତ୍ୟାହାର କରି ଅଶ୍ରୁ ଏବେ ହସ୍ତ ବୁଝିବା ଦ୍ୱାରା ପ୍ରଚାର ହେବ ନେବାକୁ ପ୍ରସ୍ତୁତ ଅଛି ।

ତତ୍କ ୧୦।୧୨।୦୭ } ବଶମ୍ବଦ ଶ୍ରୀ ଭଣ୍ଡାର ଗୋବିନ୍ଦ ମହାପାତ୍ର

---

ମହାଶୟ !

ଅତ୍ୟ ଜିଲ୍ଲା ସ୍ୱଦେଶୀୟ ଉଦ୍ଧାର ବିଷୟରେ ଗୋଟିଏ ଶୁଭ ଘଟଣା ନିବେଦନ କଲି । ବାଲେଶ୍ୱର ଜିଲ୍ଲା ରେମଣା ଅନ୍ତଃପାତୀ ଶୀତଳେଶ୍ୱର ଗୋପୀନାଥଙ୍କ ପ୍ରଭାବାଗୀ ଶ୍ରୀ ଗମନେ, ତାଙ୍କ ପୁତ୍ର ଶ୍ରୀ ବାବୁ ଜଗବନ୍ଧୁ ଦାସ ଶର୍ମା ଧାମ ଓ ପଣ୍ଡିତ ଶ୍ରୀ ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମାଙ୍କ ଦୁହିତା ଯେ ଓ ପୂର୍ବେ ଶଙ୍କରାବସ୍ଥାରେ ପୁରୁଷୋତ୍ତମ ତଟରକ୍ଷିତପୁର ନିବାସୀ ପୀତାମ୍ବର ମିଶ୍ର ଶର୍ମାଙ୍କ ପୁତ୍ର ଶ୍ରୀ ଗୋପାଳ ମିଶ୍ର ଶର୍ମାଙ୍କୁ ବିବାହ କରିଥିଲେ ଓ ଯେଉଁ ଚନ୍ଦ୍ରମଣି ଅପଣା ସ୍ୱାମୀଙ୍କ ମୃତ୍ୟୁ ପରେ ବାଳବିଧବା ଥିଲେ ଓ ପାତିବ୍ରତ୍ୟ ଅତ୍ୟ ଧର୍ମ ଜଣୁଥିବାରୁ ବର୍ତ୍ତମାନ ପତିତ ହୋଇଅଛନ୍ତି "ଛିନ୍ନେ ମୃତେ ପ୍ରବ୍ରଜିତେ କ୍ଲୀବେ ଚ ପତିତେ ପତୌ । ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧୀୟତେ" ।

ପରାଶର ଋଷିଙ୍କ ଏହି ବଚନାନୁସାରେ ତତ୍କାଳୀନ ନବବର୍ଷ ବୟସ୍କା ଶ୍ରୀମତୀ ଦୁର୍ଗାମଣି ଦେବୀ ଜନ୍ୟାପତ୍ନୀ ଅଟନ୍ତି ।

ଜନକ ରକ୍ଷା ମହାଗ୍ରାମନିବାସୀ ଶ୍ରୀ ବାବୁ ଲକ୍ଷ୍ମୀଧର ଶର୍ମାଙ୍କ କନ୍ୟା ପ୍ରଥମରେ ଉଦ୍ବାହ ସୂତ୍ରରେ ଦ୍ୱିତୀୟବାର ଗ୍ରଥିତ ହେଲେ, ତତ୍ପରେ ଉକ୍ତ କସେଇ ହଳ ବାବୁଙ୍କ ବିଜ୍ଞ ଉକ୍ତ ପଣ୍ଡିତ ଶ୍ରୀ ବାବୁ ଗୋବିନ୍ଦଚନ୍ଦ୍ର ଶର୍ମାଙ୍କ ଦୁହିତା ତହିଁର ଦ୍ୱିତୀୟବାର ପାଣିଗ୍ରହଣ କରି ସ୍ୱର୍ଗତ ପଣ୍ଡିତ ଶ୍ରୀ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ସ୍ମରଣ ସୁନ୍ଦର ଗୋଟିଏ ନୂତନ ପ୍ରସ୍ତର ସୃଜନ କଲେ ।

ବଶମ୍ବଦ

୧୦।୧୨।୦୭ } ଶ୍ରୀ ପାଶେଶ୍ୱର ଷେଡ଼ପତି

କଟକ } ମହାଗ୍ରାମ ଅନୁବାଦକ ପଣ୍ଡିତ

---

ମହାଶୟ !

ନିମ୍ନଲିଖିତ ଚିଠିରସ୍ୟ ଉଦୟାସ୍ତ ଭଷ୍ୟାତ ସାପ୍ତାହିକ ପତ୍ରିକାରେ ସ୍ଥାନପ୍ରାପ୍ତ ହେଲେ ଉପକାରାର୍ଥ ହେବ ।

ପୋର୍ଟୋ ସବଡିଭିଜନ ମଧ୍ୟରେ ସାଥିଲାମୁଣ୍ଡମୁଣ୍ଡାଣ ଗୋଟିଏ ପ୍ରଧାନ ଗ୍ରାମ । ଅଧିବାସିମାନଙ୍କ ମଧ୍ୟରେ ଅଧିକାଂଶ ବ୍ରାହ୍ମଣ ଓ କରଣ, ସମସ୍ତେ ବିଦ୍ୟାନୁରାଗୀ । ଶିକ୍ଷା ଇନସ୍ପେକ୍ଟର ଡି

ବୋର୍ଡ ଅନେକ ସମୟ ହେଲା ଏଠାରେ ଗୋଟିଏ ମଧ୍ୟମଶ୍ରେଣୀ ସ୍କୁଲ ସ୍ଥାପନ କରିଅଛନ୍ତି । ଅଧୁନା ସରକାର । ଇଂରାଜି ଶିକ୍ଷା ନିମନ୍ତେ ଉଂସିତ ହେବା ଲାଗି ମାଇନର ସ୍କୁଲରେ ପରିଣତ କରିବାକୁ ସ୍ଥାନୀୟ ଭଦ୍ରମଣ୍ଡଳୀ ମନସ୍ଥ କରିଅଛନ୍ତି; ମାତ୍ର ଏତାଦୃଶ ମହଦନୁଷ୍ଠାନରେ ଅର୍ଥ ସମ୍ପାଦନ ପକ୍ଷରେ ସେମାନେ ସମ୍ୟକ୍ ଅକ୍ଷମ ହେବାରୁ ଏଣୁ ମାଇନର ସ୍କୁଲ କରିଣ ସାହାଯ୍ୟ ପ୍ରତ୍ୟାଶାରେ ଉତ୍କଳର ବଦାନ୍ୟବର, ଜମିଦାର, ମହାଜନ ଏବଂ ସଙ୍ଘଦତ୍ତୀୟ ଅନ୍ୟାନ୍ୟ ମହାତ୍ମାମାନଙ୍କ ସମୀପରେ ଆବେଦନ କରୁଅଛନ୍ତି ।

ଏଥିମଧ୍ୟରେ ପ୍ରବଳପ୍ରତାପ ଶ୍ରେଣିଗଣାଗ୍ରଗଣ୍ୟ ତାଳଚେରାଧୀଶ୍ୱର ମହୋଦୟ ବଦାନ୍ୟତାର ଉତ୍କଳ ନିଦର୍ଶନ ସ୍ୱରୂପ ଉଲ୍ଲିଖିତ ମାଇନର ସ୍କୁଲ ନିମନ୍ତେ ଟ ୧୦୦ ଟଙ୍କା ପ୍ରଦାନ କରିଅଛନ୍ତି । ସେଥିନିମନ୍ତେ ଅନ୍ତରର ସହିତ ସେ ମହୋଦୟଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ସତ୍ତ୍ୱଜାତ ଚନ୍ଦ୍ରବର ଓ ସୁପରିଣ୍ଟେଣ୍ଡେଣ୍ଟ ମହାମାନ୍ୟ ଶ୍ରୀଯୁକ୍ତ ବାବୁ ସୁଦାମଚରଣ ନାୟକ ମହୋଦୟ ସ୍ଥାନୀୟ ଆବେଦନାନୁସାରେ ଯେପରି ସହାନୁଭୂତି ସହକାରେ କାର୍ଯ୍ୟ କରୁଅଛନ୍ତି ତହିଁରେ ଆମ୍ଭେମାନେ ବାବୁମହୋଦୟଙ୍କ ନିକଟରେ ଚିରଋଣୀ ଅଟୁଁ । ପ୍ରକାଶଥାଉ ଯେ ବର୍ଣ୍ଣିତ କାର୍ଯ୍ୟ ନିମନ୍ତେ ଯେଉଁ ମହାତ୍ମାଙ୍କଠାରୁ ଯାହା ଦାନପ୍ରାପ୍ତ ହେବୁଁ ସେ ସବୁ ସର୍ବସାଧାରଣଙ୍କ ଗୋଚରାର୍ଥେ ସମ୍ବାଦପତ୍ରରେ ପ୍ରକାଶିତ କରିବୁଁ ।

ତା ୮।୧୨।୦୭ } ବଶମ୍ବଦ

ସାଥିଲା } ଶ୍ରୀ ଗୌରକୃଷ୍ଣ ପଟ୍ଟନାୟକ

ସାଥିଲା ମାଇନରସ୍କୁଲ

କମିଟୀର ସମ୍ପାଦକ

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ରାମଚନ୍ଦ୍ର ମିଶ୍ର ଜଗତ୍ | ଜୟପୁର | | ଟ ୩ |
| " ବନମାଳୀ ପାଢ଼ୀ | ବୁଡ଼ଙ୍ଗ | | ଟ ୧୯ |
| " ଭଗବାନ ମିଶ୍ର | ଗଣ୍ଡା | କଟକ | ଟ ୧ |
| " ନବଗୋପାଳ ପାଣିଗ୍ରାହୀ | ଭେଟନାଗ | ପୁରୀ | ଟ ୩ |
| " ହରିଚରଣ ରାଉତ | ଡଙ୍ଗା | ବାଲେଶ୍ୱର | ଟ ୩ |
| " ଦାଶରଥି ସାହୁ | ଜଲେଶ୍ୱର | କଟକ | ଟ ୩ |
| " ରାମଚନ୍ଦ୍ର ସରକାର | ଗଡ଼ଙ୍ଗ | ସମ୍ବଲପୁର | ଟ ୧ |
| " ରଘୁନାଥ ସାହୁ | କେନ୍ଦ୍ରାପଡ଼ା | କଟକ | ଟ ୩ |
| " ରାଧାକୃଷ୍ଣ ପାଢ଼ୀ | ଲତୁର | | ଟ ୩ |
| " ଲକ୍ଷ୍ମୀନାରାୟଣ ଦାସ | | ପୁରୀ | ଟ ୨ |
| " ହରିବନ୍ଧୁ ଚୌଧୁରୀ | ଆ ମାଃ | ତାଳଚେର | ଟ ୩ |
| " ଯଜ୍ଞେଶ୍ୱର ମିଶ୍ର | ସତ୍ତା ଡିହ | | ଟ ୩ |
| " ଗୋକୁଳ ସାହୁ | | କଟକ | ଟ ୧ |
| " ବନମାଳୀ ସାହି | ମୟୂରଭଞ୍ଜ | | ଟ ୩ |
| ରାଜା । ବୀ । | | ବୁଢ଼ଲା | ଟ ୨ |

Split by PDF Splitter

Digitized by srujanika@gmail.com

# ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯା-ଉଅଛି ଯେ ଆମ୍ଭେ ବହୁ ପରିଶ୍ରମ ଏବଂ ବହୁ ଯତ୍ନରେ ଗୋଟିଏ ସ୍ୱଦେଶୀ "ବ୍ଲୁଇଙ୍ଗ କମ୍ପାନି" ଖୋଲି-ଅଛୁଁ । ବ୍ଲୁଇଙ୍ଗର ନାମ "ମଜଲିସ ବ୍ଲୁଇଙ୍ଗ" ଅଟେ । ଏହି ଭାରତରେ ଯେପରି ସ୍ୱଦେଶୀ ବ୍ଲୁଇଙ୍ଗ ମିଳେ ତାହାଠାରୁ ଏହା ଶତଗୁଣେ ଉତ୍କୃଷ୍ଟ, ଏମନ୍ତ କି ଥରେ ଆସ୍ୱାଦନ କଲେ ମନ ପ୍ରଫୁଲ୍ଲ ହୋଇ-ଯିବ । ପ୍ରକାଶ ଥାଉ କି ଆମ୍ଭର ବ୍ଲୁଇଙ୍ଗ ସବୁ ସ୍ୱଦେଶୀ ଦ୍ରବ୍ୟ ଓ ସ୍ୱଦେଶୀ ମସଲାଦ୍ୱାରା ପ୍ରସ୍ତୁତ । ଅତଏବ ଆମ୍ଭେ ଉତ୍କଳ-ଭ୍ରାତାମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଉପରଲିଖିତ ବିଷୟ ସବୁକୁ ଏକ-ଥର ପରୀକ୍ଷା କରି କମ୍ପାନିର ଚିରସ୍ଥାୟୀ କାମନା କରିବେ । ପ୍ରକାଶ ଥାଉ କି ଆମ୍ଭଙ୍କୁ ଏହି କମ୍ପାନି ନିମନ୍ତେ କେତେକ ଜଣ ଏଜେଣ୍ଟ ଆବଶ୍ୟକ ଯେ କେହି ଏଜେଣ୍ଟ ହେବାକୁ ଇଚ୍ଛା କରନ୍ତି ଆମ୍ଭ ନିକ-ଟରେ ଲେଖିଲେ ସବିଶେଷ ବିବରଣ ଜାଣି ପାରିବେ ।

| | |
|---|---|
| ଏକଗୋଟି ଡବାର ମୂଲ୍ୟ ଏକଅଣା | ୧୦/ |
| ଏକ ଶ ୧୦ ଡାକ୍ ଅର୍ଥାତ୍ ଏ ୧୦୦ ଡବ୍ବାର | ୧୦/୦ |
| ଖୁଚୁରା ଶ ୫୦ ଡାକ୍ ଅର୍ଥାତ୍ ଏ ୫୦୦ ଡବ୍ବାର | ୫ ୦ |
| ଏକତ୍ର ଶ୧୦୦ ଡାକ୍ ଅର୍ଥାତ୍ ୧୦୦୦ ଡବ୍ବାର | ୫୪ ୩ |

ଶ୍ୟାମସୁନ୍ଦର ସୁଙ୍ଗ ମେନେଜର ।

୨୫।୧୨।୧୯୦୬ ଚାନ୍ଦିନୀଚକ ବଜାର କଟକ

# ନେତ୍ରାମୃତ ।

ଚକ୍ଷୁର ସମସ୍ତ ରୋଗ ଯଥା ଚକ୍ଷୁର ଲାଲ, ପାଣି ଗଡ଼ିବା, ଦୃଷ୍ଟିହୀନ, ଛାନି, ଫୁଲା ଓ କୋର ଇତ୍ୟାଦି ସବୁ ରୋଗ ଆରୋଗ୍ୟ ହୁଏ । ୧ ଡିବି ୫ ଟଙ୍କା ମାତ୍ର । ମଫସଲ ଡାକ ମାଶୁଲ ୫୦ ମାତ୍ର ।

# ଅବ୍ୟର୍ଥ ଚିକିତ୍ସା କବଚ ।

ଗର୍ଭିଣୀ ଓ ଶିଶୁମାନଙ୍କ ନିମିତ୍ତ ଧାରଣରେ ଉପକାର ଦର୍ଶିବା ସଙ୍ଗେ ସଙ୍ଗେ ଦେଖାଯିବ । ନାନା ପ୍ରକାର ରୋଗ ସମସ୍ତ ଆରୋଗ୍ୟ ହୁଏ । ଏଥିରେ କିଛି ଅସୁବିଧା ନାହିଁ । ମୂଲ୍ୟ ୧ ଟଙ୍କା ମାତ୍ର ।

ଶ୍ରୀ ଦୟାନିଧି ଦାସ କବିରାଜ
ଚେଉଁଳଳ୍ପ ଜ୍ଜୀ ଶା ଅଚ

## WE DEFY COMPETITION



A Forty Hours Time-piece to be given free to every purchaser of this watch up to 28th february. 07 Presentation Hunting watch, swiss made white metal case, small size, key winding jewelled. Gtd. for 5 years Price Rs. 6-8 Postage As 8 glass spring free S. SEN & CO. 8-2 Ramkrishna Bagchi's Lane P. O. Beadon Square Calcutta.

# ସ୍ନାୟୁ ଓ ମସ୍ତିଷ୍କ ରୋଗର ଚିକିତ୍ସା ।

ଏହା ବହୁଦିନୋପରେ ନେତ୍ରୀ ଔଷଧଦ୍ୱାରା ଅର୍ଶ, ଜ୍ୱର, କାଶ, ଗଠା, ବାତ, ଶୂଳ, ଧାତୁଦୌର୍ବଲ୍ୟ, ପ୍ରମେହ, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, ଶିରଶୂଳ, ଗଣ୍ଡମାଳା ପ୍ରଭୃତି ରୋଗ ଆରୋଗ୍ୟ ହୋଇ ଥାଏ । ଅବସ୍ଥା ଲେଖିଲେ ଔଷଧ ଓ ବ୍ୟବସ୍ଥା ପଠାଯାଏ ।

ଠିକଣା

ଶ୍ରୀ ନେପାଳୀ ଦାସ ନଂ ୧୦ ନୂଆ ଚଉଦ୍ଧ ଲେନ କଲିକତା

ଶ୍ୟାମ ଲାଲ ଲିଚ୍ଛ ଦ୍ୱାରା

| | | | |
|---|---|---|---|
| ସଙ୍ଗୀତ ଚାନ୍ଦ୍ରିକା | ଖ ୧ | ମୂଲ୍ୟ | ୮ ୦ |
| ସଙ୍ଗୀତ ସୌଦାମିନୀ | ଖ ୧ | " | ୮ ୦ । |
| ମଣିଜ ଶ୍ରୀ | ଖ ୧ | " | ୮ ୦ ୶ |
| ଉପହାର ପଦକ | ଖ ୧ | " | ୮ ୦ ୶ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ, କଟକ ଅରୁଣୋଦୟ ଛାପାଖାନାରେ ଓ କଟକର ଅନ୍ୟାନ୍ୟ ପୁସ୍ତକ ବିକ୍ରେତାମାନଙ୍କ ନିକଟରେ ଏବଂ ଢେଙ୍କାନାଳ ନୂଆ ପ୍ରତାପ ପ୍ରେସରେ ବିକ୍ରୟାର୍ଥ ରକ୍ଷିତ ଅଛି ।

# ୧୮୭୯ ଠାରୁ ୧୯୦୬ ପର୍ଯ୍ୟନ୍ତ ।

ଦୀର୍ଘକାଳର ପରୀକ୍ଷାରେ ଉତ୍ତୀର୍ଣ୍ଣ ।

SCOTT'S EMULSION.

( ସ୍କଟ୍‌ସ ଇମାଲସନ୍ ) ସୁବିଜ୍ଞ ଡାକ୍ତର-ମାନଙ୍କ ପ୍ରତ୍ୟେକ କଠିନ ପରୀକ୍ଷାର ସଫଳତା-ରେ ଜୟ ଲାଭ କରଅଛି ଏହି ପରୀକ୍ଷାର ଫଳ ସ୍ୱରୂପ ଆଜି ସମସ୍ତ ପୃଥିବୀରେ ଏହା ପୁରୁ ପୁରୁ ଜଣାଶୁଣା ।

କାଶି
ସର୍ଦ୍ଦି

ମାଂସପେଶୀକ୍ଷୟ

ଓ ଅସ୍ଥିମଜ୍ଜାର ଦୁର୍ବଳତାର ମହୌଷଧ ଏବଂ ପିଲା ମାନଙ୍କର ବଳ ଓ ପୁଷ୍ଟି ଲାଭର ବି-ଶେଷରୂପେ ବ୍ୟବହୃତ ହେଉଅଛି ।

ଏହା ଚମତ୍କାର ଶକ୍ତି ଔଷଧ । ଅଳ୍ପକାଳ ମଧ୍ୟରେ ଏହାର ଉପକାରିତା ଅନୁଭୂତ ହୁଏ ।



Always get the Emulsion with this mark—the fisherman—the mark of the "Scott" process!

ଏହା ବସ୍ତୁତଃ ସନ୍ଦେହର ବିଷୟ ନାହିଁ ।

ସମସ୍ତ ଔଷଧବିକ୍ରେତାଙ୍କ ନିକଟରେ ଏହା କିଣି ପାଇବାକୁ ମିଳେ ।

ସ୍କଟ ଏବଂ ବାଉନ ଲିମିଟେଡ୍
ମେନୁଫେକଚରିଂ କେମିଷ୍ଟସ ଲଣ୍ଡନ, ଇଂଲଣ୍ଡ

ନୂତନ ପୁସ୍ତକ ।
ରାମଶଙ୍କର ରାୟ କୃତ ।

# ଚୈତନ୍ୟ ଲୀଳା ନାଟକ

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଆଠଅଣା ଓ ମୋଫସଲକୁ ଡାକମାସୁଲ ସହିତ ଙ୍କୁ ୮ ୦ ୯ ଲାଗିବ ।

# ଶ୍ରୀରାଧାକୃଷ୍ଣ ଲୀଳାମୃତ

ଏହା ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ସମ୍ବନ୍ଧୀୟ ଭକ୍ତି ଗ୍ରନ୍ଥ । ଭକ୍ତଜନ ପାଠକଙ୍କ ଭାବକ ବରଦର ସପ୍ତବିଂଶ ତରଙ୍ଗରେ ସମ୍ପୂର୍ଣ୍ଣ ।

କଟକ ପ୍ରିଣ୍ଟିଂ କମ୍ପାନୀ ପୁସ୍ତକ ଦୋକାନ ଏବଂ ବାଲୁବଜାର ଜଗନ୍ନାଥ ପୁସ୍ତକାଳୟରେ ପ୍ରାପ୍ତବ୍ୟ । ମୂଲ୍ୟ ୮ ୦ ୶

# ସୁଧାକର ବୃଷ୍ଟି ।

ଏହା ସେବନରେ ଯକୃତ ରକ୍ତ ସଞ୍ଚିତା, ପ୍ରସ୍ରାବର ଜ୍ୱାଳା ଯନ୍ତ୍ରଣା, ମସ୍ତିଷ୍କ-ରକ୍ତ-ନାଡ଼ୀର କ୍ଷତ, ଅଣ୍ଡ ବୃଦ୍ଧି—ଇତ୍ୟାଦି ସ୍ଥାନମାନଙ୍କର ବ୍ୟଥା ଓ ଦୁର୍ଗନ୍ଧ ପୂଜ, ସ୍ତ୍ରୀ ଓ ପୁରୁଷମାନଙ୍କର ଗଳିତଧାତୁ ଦୋଷ, ପ୍ରମେହ ( ଧାତୁର ପୀଡ଼ା ) ଏବଂ ଶୀଘ୍ର ଅତ୍ୟନ୍ତ ଦୁର୍ବଳ ଲୋକ ଉତ୍ତମ ସେବୀ ତନ୍ଦ୍ରାଳୁ ଓ ଦୁର୍ବଳ ହୋଇଥାନ୍ତି । ଅନ୍ତିମ ଅବସ୍ଥା ଲୋକ ଚିକିତ୍ସା କରିବାକୁ ହେବ ନାହିଁ । ଏହା ମାନବ ସ୍ୱଦେଶୀୟ ଗାଛଗଛ-ଡାରେ ପ୍ରସ୍ତୁତ ଏବଂ ବହୁବାର ପରୀକ୍ଷିତ ଉତ୍ତମ ଫଳିତ ଏହାର ଅବ୍ୟର୍ଥ ଗୁଣରେ ଅସମୟ ମୃତ୍ୟୁ ହେବାକୁ ହେବ ନାହିଁ । ଦାଃ ତିନି ମାତ୍ରାର ଶିଶି ୧ ୧୭ ଏବଂ ଡାକେଗ ମଶୁଲ ୫୦ ।

ଶ୍ରୀ ହରିପ୍ରସାଦ ଚକ୍ରବର୍ତ୍ତୀ
ବଶୀଲମେଥ ଗ୍ଲେଡ଼ା ଡାଶୀଥାନ

ଗତ ୧୦ ବର୍ଷରୁ ଅଧିକ ସମୟର ପଡ଼ିଲ ଔଷ-ଧର ଉପକାରିତାରେ ମୁଗ୍ଧ ଓ ଆଶ୍ଚର୍ଯ୍ୟ ହୁଏ । ଏ ପ୍ରକାର ଔଷଧ ଅନେକ ଅଛି, ସେଥି ମଧ୍ୟରୁ କେବଳ ୩ ଖଣ୍ଡ ମାତ୍ର ସେବନ ଦ୍ୱାରା ଆରୋଗ୍ୟ ପ୍ରକାଶ କଲି । ସାତ ବର୍ଷ ରୋଗରୁ ମୁକ୍ତ ହେଲି ଏହା ସ୍ୱରୂପ ପ୍ରତ୍ୟକ୍ଷ ମହୌଷଧ ।

ମହାଶୟ ! ଏହାଙ୍କ ଔଷଧ ସେବନ ଓ ସ୍ୱଭାବର ବ୍ୟବ-ହାର କରି କୌଣସି ମାତ୍ର ଫଳ ପାଇ ନାହିଁ । ଆପଣଙ୍କର ସୁଧାକର ବୃଷ୍ଟି ସେବନରେ ଆଉ ସବୁକ ମେହରୋଗ ଅଳ୍ପ ଦିନ ସମୟ ମଧ୍ୟରେ ଆରୋଗ୍ୟ ହୋଇଅଛି । ଏହା ସମସ୍ତ ରୋଗର ଉତ୍ତମ ମହୌଷଧ ।

ଶ୍ରୀ ଅକ୍ଷୟକୁମାର ମୁଖୋପାଧ୍ୟାୟ
ଗ୍ରାମ ଓ ପୋଷ୍ଟ ଗାଇ ହାଟ । ଜି । ବର୍ଦ୍ଧମାନ

ମହାଶୟ ! ଆପଣଙ୍କର ସୁଧାକର ବୃଷ୍ଟିର ଗୁଣ ଅତି ଅଦ୍ଭୁତ ଜନକ ! ୨ ଶିଶି ସେବନରେ ଅଧିକ ଆତୁର ରୋଗ ଆରୋଗ୍ୟ ହୋଇଅଛି । ଇତି ।

ବନଗ୍ରାମ—ଶ୍ରୀ ରାମକାନ୍ତ ଦେ ,
ଡେପୁଟି ବାବୁ ଓଭରସିଅର ବଙ୍ଗ
ବୃନ୍ଦାବନ ରଙ୍ଗପୁର !

ଉଦ୍ଦେଶ ଏହି ଯେ ମାନନୀୟ ମହାଶୟଙ୍କର ପ୍ରକାଶିତ ସୁଧାକର ବୃଷ୍ଟିରେ ଅନ୍ୟ ସବୁ ମେହର ଆରୋଗ୍ୟ ଲାଭ ୨ ଦିବସ ସେବନ ଶୀଘ୍ର ଅନୁଭୂତ ପାଇଅଛି । ଇତି ।

ଏକାନ୍ତ ବାଧ୍ୟ ଶ୍ରୀ ମହମ୍ମଦ ଅଲି ।
ସାଙ୍କଟେଶ୍ୱର—ରଂପୁର !!

Split by PDF Splitter
Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ରଚିତ "ସତ୍ୟାର୍ଥ ପ୍ରକାଶ" ନାମକ ପ୍ରକାଣ୍ଡ ଗ୍ରନ୍ଥ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏହା ପଢ଼ିଲେ ବେଦ ଏବଂ ଧର୍ମ ସମ୍ବନ୍ଧରେ ଅଶେଷ ଜ୍ଞାନ ଲାଭ ହେବ । ପ୍ରତି ଖଣ୍ଡର ମୂଲ୍ୟ ଟ ୧/୦ ଓ ମଫସଲକୁ ଡାକ ମାସୁଲ ଟ ୦ । ଲିଖିତ

ଶ୍ରୀ ରାମଶଙ୍କର ଦାସ କଟକ

ଟ୍ରେଡମାର୍କ  ରେଜିଷ୍ଟ୍ରି

ଖାଣ୍ଟି ଅସଲ ।

## ଲାଲମୋହନ ସାହା ଶଙ୍ଖନିଧି

## ସୁଧାନିଧି ବଟିକା

ସର୍ବଜ୍ୱର ଗଜସିଂହ ।

୩ ଘଣ୍ଟା ମଧ୍ୟରେ ସର୍ବପ୍ରକାର ଜ୍ୱର ୧ସପ୍ତାହ ରେ ପ୍ଳୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୦ ଶି ମଧ୍ୟମ ଟ ୧୧ ଛୋଟ ଟ ୦ ଡାକମାସୁଲ ସ୍ୱତନ୍ତ୍ର ୬ଶିଶି ଟ ୦ ।

### ଦନ୍ତ ଦାବାନଳ ।

ଦାନ୍ତ ଅଧ ଘଣ୍ଟାରେ ଦାନ୍ତ ବେଦନା ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ।/ ଡାକମାସୁଲ ୧ଠାରୁ ୬ଶିଶି ଟ ୦ ।

୨୪ ଘଣ୍ଟାରେ ଜାମୁଅଳ ଭଗନ୍ଦର ବଳ ଶକ୍ତିରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦।/ ଡାକମାସୁଲ ୧ଠାରୁ ୬ଶିଶି ଟ ୦ ।

ଏହା ବ୍ୟତୀତ ଡ଼ୋଲରେ ସବଦ୍ୱାର ଲାଲମୋହନ ସାହା ଶଙ୍ଖନିଧିର ନାମ ଓ ଟ୍ରେଡମାର୍କ ଦେଖି ଔଷଧ କିଣିବେ । ଏହା ସକଳ ଢଙ୍ଗର ଦଶ୍ୟ ଲୋକାନରେ ଖାଇବେ ନ ପାଇଲେ ବିନ୍ଦୁ ସେ କୌଣସି ଶୀଘ୍ର ସେ କେହି ବ୍ୟକ୍ତି ସ୍ୱାକ୍ଷରରେ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱଲରେ ପଠାଉଁ । ଏହି ସମସ୍ତ ଔଷଧରେ ଅଲେଖ ନ ହେଲେ ମୂଲ୍ୟ ଫେରନ୍ତ ଦେଉଁ ।

ଶ୍ରୀ ଗୌର ନିତାଇ ସାହା
ଟ୍ରେଡ଼ ଲାଲମୋହନ ସାହା ଶଙ୍ଖନିଧି ଏଣ୍ଡ କୋଂ ।
ଢାକା ବାବୁର ବଜାର ।

ଏଜେଣ୍ଟ ବଡ଼ ବାଲୁବଜାର ଶ୍ରୀଯୁକ୍ତ ଲାଲ ଦାମୋଦର କଟକ ରଣେଷ ସ୍ତ୍ରୀ ସ୍ତ୍ରୀ କଟକ

Gour Nitai Shaha
Lal Mohan Shahs Sankanidhi & co
Baburbazar, Dacca,

## ଅସୀମ ଦୋଷର ମହୌଷଧ ।

## ମଦ ଭଞ୍ଜନ ଗୁଟିକା ।

ଏହି ଗୁଟିକା ସେବନ ମହୌଷଧ ସେବନ ମାତ୍ରେ ବହୁ ଦିନରେ ଅଫିମ ଛାଡ଼ିଯାଏ ଏବଂ ଶୀଘ୍ର ଅଫିମର ଅଭ୍ୟାସ ଦୂର ହୋଇଯିବ ଓ ମନର ସ୍ୱାଭାବିକ ସୁଖ ସ୍ୱଚ୍ଛନ୍ଦତା ଲାଭ ହୁଏ । ଏକାଥରକେ ଅଫିମ ଛାଡ଼ିବା ଅସମ୍ଭବ ସୁତରାଂ ମୂଲ୍ୟ ଟ ୦ ଓ ଡାକ ସର୍ବତ୍ର ଅଫିମ ସେବନକାରୀର ଔଷଧର ମୂଲ୍ୟ ସ୍ୱତନ୍ତ୍ର ଟ ୦ ଶି ଚତୁର୍ଥ ଗ୍ରନ୍ଥ ଟ ୦ ଓ ଡାକ ସର୍ବତ୍ର ମାତ୍ରା ବୃଦ୍ଧିରେ ବହୁ ହୁଏ । ଗ୍ରାହକମାନଙ୍କର ସୁବିଧା ନିମନ୍ତେ ସେବନ ଅଫିମର ମାତ୍ରା କମାଇବାର ଅବସର ।

କର୍ପୋରେଶନ ଶ୍ରୀ ଦେବେନ୍ଦ୍ରନାଥ ଗୁପ୍ତ, ୭୮ ନଂ ଲୋୟର ଚିତ୍‌ପୁର ରୋଡ଼ କଲିକତା ।

ନୂତନ ପୁସ୍ତକ ! ନୂତନ ପୁସ୍ତକ !

## ଆରବ୍ୟ - କୁସୁମ

ବା

ଜଗତ ବିଖ୍ୟାତ ଓ ସର୍ବଜନାଦୃତ ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ ।

ଅଷ୍ଟମ ଖଣ୍ଡ ମୂଲ୍ୟ ଟ ୦ ।୵

୧ମ ଓ ୨ୟ ଖଣ୍ଡର ମୂଲ୍ୟ ଯଥାକ୍ରମେ ଟ ୦ । ଓ ଟ ୦ ୵ ଡା: ମା: ସ୍ୱତନ୍ତ୍ର

କଟକ ପ୍ରିଣ୍ଟିଂ କମ୍ପାନୀର ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

## ବିଜ୍ଞାପନ ।




ଆପଣମାନେ କ'ଣ ଜାଣନ୍ତି ନାହିଁ ଯେ ଆମମାନଙ୍କର

କେଶରଞ୍ଜନ— ନାନା ଦେଶୀୟ ଔଷଧ ମିଶ୍ରିତ ବଳକାରକ ।
କେଶରଞ୍ଜନ— ମସ୍ତିଷ୍କ ସ୍ନିଗ୍ଧ ରଖେ ଏବଂ ବଳ ଦିଏ ।
କେଶରଞ୍ଜନ— ସୁଗନ୍ଧି କେବଳ କେଶ ରକ୍ଷକ ଅଟେ ।
କେଶରଞ୍ଜନ— ସମସ୍ତ ସ୍ତ୍ରୀଲୋକମାନଙ୍କ ଗୋଟିଏ ପ୍ରସାଧନ ଦ୍ରବ୍ୟ ଅଟେ ।
କେଶରଞ୍ଜନ— ମୁଣ୍ଡ ବଥାର ପ୍ରଧାନ ଔଷଧ ଅଟେ ।
କେଶରଞ୍ଜନ— ସମସ୍ତ ସୁନ୍ଦରୀମାନଙ୍କ ନିମନ୍ତେ ଗୋଟିଏ ମନୋହର ଉପହାର ଅଟେ ।
କେଶରଞ୍ଜନ— ସର୍ବ ପ୍ରକାର ଏବଂ ଅତ୍ୟନ୍ତ ସୁଗନ୍ଧ ତୈଳ ଅଟେ ଏବଂ ଏହା ପ୍ରତ୍ୟେକ ଘରରେ ଦେହରେ ଏବଂ କେଶରେ ମାଖିବା ନିମନ୍ତେ ପ୍ରତ୍ୟହ ବ୍ୟବହାର ହୁଏ ।

ମୂଲ୍ୟ ପ୍ରତି ଶିଶି ଟ ୧ ଟଙ୍କା
ଏକ ଡଜନ ଟ ୨୮
ପ୍ୟାକିଂ ଓ ଡାକମାସୁଲ ସ୍ୱତନ୍ତ୍ର

ଅମୃତ ଔଷଧ ପ୍ରତିଷ୍ଠାନ— ଦୁର୍ଗାଖାନା । ସମୁଦ୍ର ମନ୍ଥନରେ ଧନ୍ୱନ୍ତରୀ ଅମୃତ, ଲକ୍ଷ୍ମୀ ସ୍ଥିତ

ଚକ୍ଷୁ, ନାସିକା, କର୍ଣ୍ଣ ଓ ଅନ୍ୟାନ୍ୟ ରୋଗରେ ଚମତ୍କାର ଫଳ ଦିଏ, ଅନେକ ପ୍ରକାର ଶିରୋରୋଗ ନିବାରଣ କରେ ଓ ମସ୍ତିଷ୍କ ସତେଜ ରଖେ ।

ମୂଲ୍ୟ ଏକ ଶିଶି ବହିଗୋଟିଏ ଔଷଧ ସହିତ ଟ ୧
ପ୍ୟାକିଂ ଓ ଡାକମାସୁଲ ଟ ୦ ।୵

### ଆମମାନଙ୍କର ରକ୍ତପରିଷ୍କାରକ ।—

ରକ୍ତ ଓ ଚର୍ମରୋଗ, ବାତ ପିତ୍ତ ଓ ଉପଦଂଶ ରୋଗ ଜନିତ ଦୋଷ, ଗାଦିଆ, ଖଜୁରୀ ଓ ଅନ୍ୟାନ୍ୟ ଚର୍ମରୋଗରେ ଉପକାର ଦିଏ, ସବୁ ପ୍ରକାର ରକ୍ତ ଦୋଷ, ଶରୀର ସ୍ୱାସ୍ଥ୍ୟ ରକ୍ଷା କରେ, ଶରୀରର ବଳ ବଢ଼ାଏ ଓ ପାଚନ ଶକ୍ତି ବଢ଼ାଏ ।

ମୂଲ୍ୟ ଟ ୧ ଓ ଡଜନ ସହିତ ଔଷଧ ଟ ୪ ୧
ପ୍ୟାକିଂ ଓ ଡାକମାସୁଲ ଟ ୦ ।୵

ଆମମାନଙ୍କର ଦନ୍ତରକ୍ଷକ ଚୂର୍ଣ୍ଣ ଦାନ୍ତ ଓ ମାଢ଼ି ରୋଗ ପ୍ରତିକାରରେ ଅବ୍ୟର୍ଥ ଫଳ ଦିଏ, ଦାନ୍ତ ଦୃଢ଼ କରେ ଏବଂ ମୁଖର ଦୁର୍ଗନ୍ଧ ଦୂର କରେ । ଏଥିରେ କୌଣସି କ୍ଷତିକାରକ ପଦାର୍ଥ ନାହିଁ, ଏହାର ଉପକାରିତା କୌଣସି ଅଂଶରେ କମ ନୁହେଁ ।

ମୂଲ୍ୟ ପ୍ରତି ଶିଶି ଟ ୦ ।
ପ୍ୟାକିଂ ଓ ଡାକମାସୁଲ ଟ ୦ ।

ଆମମାନଙ୍କର ଚନ୍ଦ୍ରାଂଶୁ କେଶ ତୈଳ ଶିରୋରୋଗ ଓ ଶିରଃପୀଡ଼ା ନିବାରଣ କରେ ଓ ମସ୍ତିଷ୍କ ଶୀତଳ କରେ, ଏହାର ସୁଗନ୍ଧ ମନୋହର । ସମସ୍ତ ଅବସ୍ଥାରେ ବ୍ୟବହାର କରାଯାଇପାରେ ।

ମୂଲ୍ୟ ପ୍ରତି ଶିଶି ଟ ୦ ।
ପ୍ୟାକିଂ ଓ ଡାକମାସୁଲ ଟ ୦ ।

ଆମମାନଙ୍କର ଔଷଧାଳୟରେ ସମସ୍ତ ପ୍ରକାର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ ହୁଏ । ବିଶୁଦ୍ଧ ଶାସ୍ତ୍ରୀୟ ପ୍ରଣାଳୀରେ ପ୍ରସ୍ତୁତ ଔଷଧ, ତୈଳ, ଘୃତ, ବଟିକା, ଚୂର୍ଣ୍ଣ, ମକରଧ୍ୱଜ, ସ୍ୱର୍ଣ୍ଣ ଭସ୍ମ ଇତ୍ୟାଦି ଆୟୁର୍ବେଦୀୟ ଔଷଧମାନ ସର୍ବଦା ବିକ୍ରୟ ପାଇଁ ପ୍ରସ୍ତୁତ ରହେ ।

ପତ୍ର ଲେଖିଲେ ଆମ ମାନଙ୍କର ସମସ୍ତ ଦ୍ରବ୍ୟ ଏବଂ ଔଷଧମାନଙ୍କର ତାଲିକା ବିନା ମୂଲ୍ୟରେ ପଠାଯାଏ ।

ରୋଗର ବିବରଣ ଲେଖିଲେ ଔଷଧ ଅଥବା ଯାହା ବ୍ୟବସ୍ଥା ଦିଆଯିବ, ବିନା ମୂଲ୍ୟରେ ଏବଂ ଗୋପନରେ ପଠାଯାଏ ।

Kaviraj N. N. Sen
Govt. Medical Deploma Holder
18-1 & 19 Lower Chitpur Road
Calcutta.


Digitized by srujanika@gmail.com

## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon Major Jayakar says:—That it is, a safe and reliable remedy.

Batliwalla& Co's Cholerol, specific for cholera and Batliwalla's Ague Mixture or Pills, may be had of DR H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the trade.

## ବିଜ୍ଞାପନ




## ଘଣ୍ଟିପ ଓ ନକସାର ଯନ୍ତ୍ର ବିକ୍ରୟ ।



ବିଲାତୀ ଓ ଦେଶୀ ଜଣାର, ଦେଲ ... ମାଟିର ... ଓ ... ଓ ... ବାକ୍ସ, ... ସେଲ ପ୍ରଭୃତି ମିଳେ

ଏମ୍‌, ଆର୍‌, ଡେ ଏଣ୍ଡ ବ୍ରାଦର୍ସ ୨୯ ରାଧାବଜାର କଲିକତା
M. R. Day & Bros. 29, Radha Bazar Calcutta

ନୂଆ ହେଡଅଫିସର ଘଡି ।

[illegible]

M. R. Day and Bros.
29 Radhabazar
Calcutta

## ଦ୍ରୂତ ବର୍ଣ୍ଣିକ ଯନ୍ତ୍ରର ଛବି

[illegible]

ଏମ୍‌, ଆର୍‌, ଡେ ଏଣ୍ଡ ବ୍ରାଦର୍ସ ୨୯ ରାଧାବଜାର କଲିକତା ;
M. R Day & Bros. 29, RadhaBazar Calcutta


## ନୋଟିସ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ଭଙ୍ଗାଇପୁର ଷ୍ଟେଟ ଅନ୍ତର୍ଗତ ତଳ ତଫସିଲ ସମ୍ପତ୍ତିମାନ ଆଗାମୀ ସନ ଚଳିତ ଡିସେମ୍ବର ମାସ ତା ୧୬ ରିଖ ସୋମବାର ଦିନ ଘ ୪ ଟା ସମୟରେ ଯାଜପୁର ମହାମ ଡାକ ବଙ୍ଗଳା ନିକଟରେ ପ୍ରକାଶ୍ୟ ଭାବରେ ନିଲାମ କରାଯିବ । ଯେଉଁ ବ୍ୟକ୍ତିମାନଙ୍କର କିଣିବାରେ ଇଚ୍ଛା ଥିବ—ସେମାନେ ଉକ୍ତ ନିରୂପିତ ଦିବସ ଓ ସମୟରେ ଉକ୍ତ ଯାଜପୁର ମହାମ ଡାକବଙ୍ଗଳା ନିକଟରେ ଉପସ୍ଥିତ ହୋଇ ନିଲାମଡାକ ଦେଇ ପାରିବେ—ଯେଉଁ ବ୍ୟକ୍ତିଙ୍କର ନିଲାମରେ ଡାକ ସର୍ବୋଚ୍ଚ ହେବ ତାହା ସ୍ଥିର ହେବାମାତ୍ରେ ତାଙ୍କଠାରୁ ଉକ୍ତ ଜରସମନ୍ତ ଟଙ୍କାର ଚତୁର୍ଥାଂଶ ନଗଦ ଡିପୋଜିଟ ସ୍ୱରୂପ ନିଆଯିବ । ତତ୍ପରେ ଶ୍ରୀଯୁକ୍ତ ଡିଷ୍ଟ୍ରିକ୍ଟ ଜଜ ସାହେବ ବାହାଦୁର ସେହି ମୂଲ୍ୟ ଉଚିତ ବିବେଚନା କରି ନିଲାମ ମଞ୍ଜୁର କଲେ ସେହି ଖରିଦ ସମ୍ପତ୍ତିର କବାଲା ରେଜେଷ୍ଟ୍ରୀ କରାଇ ଦିଆଯାଇ ଅବଶିଷ୍ଟ ଜରସମନ୍ତ ବାବଦ ବାକିଥିବା ବାରପଣ ଟଙ୍କା ନଗଦ ନିଆଯିବ । ନଚେତ୍ ସେହିପରି ଡିପୋଜିଟ ହୋଇଥିବା ଏହି ଚତୁର୍ଥାଂଶ ଟଙ୍କା ବିନା ସୁଧରେ ଡିପୋଜିଟ କାରୀଙ୍କୁ ଓାପସ ଦିଆଯିବ । ତା । । ୧୯୦୭ ମସିହା ।

### ତପସିଲ ବିକ୍ରୟ ସମ୍ପତ୍ତି ।

| କ୍ରମିକ ନମ୍ବର | ପ୍ରଗଣା ଓ ମୌଜାର ନାମ ତଉଜି ନମ୍ବର | ସ୍ୱତ୍ୱ ପରିମାଣ ଓ ମାଲିକଙ୍କ ହିସାବ | ଉକ୍ତ ହିସାବ ଅନୁସାରେ ସଦର ଜମା | ଉକ୍ତ ହିସାବ ଅନୁସାରେ ପଥ କର ସହିତ ମୋଫସଲ ଜମା | ମନ୍ତବ୍ୟ |
|---|---|---|---|---|---|
| ୧ | ପ୍ର । ଯାଜପୁର<br>ତା । ସାଉତପୁର<br>ତ: ନ ୩୯ ମ୍ବର | ଜମିଦାରୀ<br>। ୦ । ଟି ।୶/ | ଟ ୩୮/ | ଟ ୭୧୬୫ | |
| ୨ | ପ୍ର । ଯାଜପୁର<br>ଶ୍ରୀ ତା । ଦାଲମେଦ<br>ତ: ନ ୬୮ ମ୍ବର | ଜମିଦାରୀ<br>। ୦ । ଟ ୦୶/୭।୨ | ଟ ୬୪୬୩/୪ | ଟ ୪୩୩୬/ | |
| ୩ | ପ୍ର । ଯାଜପୁର<br>ତ । ଗ । ଗଣପତିପୁର<br>ତ: ନ ୭୮ ମ୍ବର | ଜମିଦାରୀ<br>। ୦ । ଟି ° ।୶/ | ଟ ୭୫୪୶/ | ଟ ୧୩୧୫/୪ | |
| ୪ | ପ୍ର । ଯାଜପୁର<br>ତା ମୌ । ଅ । ଲାଲବାଗ<br>ତ: ନ ୧୩୦/୧ ମ୍ବର | ଜମିଦାରୀ<br>। ୦ । ଟ ୦ ।୶/ | ଟ ୭୨।୶ | ଟ ୬୭୬/୪ | |
| ୫ | ପ୍ର । ଯାଜପୁର<br>ତ । ତା । ଖରଡିହା<br>ତ: ନ ୩୬୫୩ ମ୍ବର | ଜମିଦାରୀ<br>। ୦ । ଟ ୧ ୧ | ଟ ୩୦ ୧ | ଟ ୫୭।୶/୭ | |
| ୬ | ପ୍ର । ଯାଜପୁର<br>ତ । ତା । ସୁନ୍ଦରପୁର<br>ତ: ନ ୩୨୬୯ ମ୍ବର | ଜମିଦାରୀ<br>। ୦ । ଟ ୧ ୧ | ଟ ୪୬ ୧ | ଟ ୭୮୶/୮ | |
| ୭ | ପ୍ର । ଯାଜପୁର<br>। ତା । ଜୋବରର<br>ତ: ନ ୩୨୯୯ ମ୍ବର | ଜମିଦାରୀ<br>। ୦ । ଟ ୧ ୧ | ଟ ୩୩୩ ୧ | ଟ ୬୧୮୶/୧୦ | |

Digitized by srujanika@gmail.com

Split by PDF Splitter



ତପସିଲ ଲଟସ୍ତ ସମ୍ପତ୍ତି ।

| ଲଟଗିର ନମ୍ବର । | ପ୍ରଗଣା ଓ ମୌଜାଇର ନାମ ଓ ତଉଜି ନମ୍ବର | ସତ୍ୱର ପରିମାଣ ଓ ମାଲିକମାନଙ୍କ ନିର୍ଣ୍ଣୟ । | ଉକ୍ତ ଜମିର ଅଦ୍ୟାବଧି ସଦର ଜମା | ଉକ୍ତ ଜମିର ଅନୁସାରେ ପଥ କର ସହିତ ମୋଟ ସଦର ଜମା | ମନ୍ତବ୍ୟ |
|---|---|---|---|---|---|
| ୮ | । ପ୍ର । ଝାଙ୍କସୁର । ଗ୍ରା । ମୌ । ବାସୁଦେବପୁର ତୌ ନ ୩୬୭୮ ନମ୍ବର | ଜମିଦାରୀ ରା । ୯ ୦/୬ | ଟ ୬୩/ | ଟ ୧୪୩୬/୩ | |
| ୯ | । ପ୍ର । ଝାଙ୍କସୁର । ରା । ଗ୍ରା । ରାଜମେଦ୍ର ତୌ ନ ୩୮୦୩ ନମ୍ବର | ଜମିଦାରୀ ରା । ୯୧୧ | ଟ ୧୯୧ ୯ | ଟ ୩୫୭।୵ | |
| ୧୦ | ପ୍ର । ଦୋଲଗ୍ରାମ ଗ୍ରା । ଅଲଣ୍ଡ ତୌ ନ $\frac{୩୪୧୪}{୧}$ ମ୍ବର | ଜମିଦାରୀ ରା । ୯ ୦ ୧୬୩/ | ଟ ୨୨୩୵ | ଟ ୫୫ ୧ | |
| ୧୧ | ପ୍ର । ଦୋଲଗ୍ରାମ ଗ୍ରା । ନୂଆଗାଁ ତୌ ନ ୩୫୬୧ ନମ୍ବର | ଜମିଦାରୀ ରା । ୦୧୮୧ | ଟ ୧୦।୵/୨ | ଟ ୬୧।୵/୬ | |
| ୧୨ | ପ୍ର । ଦୋଲଗ୍ରାମ ଗ୍ରା । ଦାମପୁର ତୌ ନ ୩୫୪୯ ନମ୍ବର | ଜମିଦାରୀ ରା । ଟ ୦୩୵/୬୧୧୧- ୧୧୩,୧ | ଟ ୮୬୩/ | ଟ ୧୬୦ ୪ ୧ | |
| ୧୩ | ପ୍ର । ଦୋଲଗ୍ରାମ ଗ୍ରା । ଗ୍ରା । ମୌ । ସାଇଁକୁଣ୍ଡ ତୌ ନ ୩୫୬୯ ନମ୍ବର | ଜମିଦାରୀ ରା ଟ ୦୧୮୦୧୧୦୫,୩ | ଟ ୩୮୩/ | ଟ ୬୫୪୵/୧୦ | |
| ୧୪ | ପ୍ର । ଦୋଲଗ୍ରାମ । ଗ୍ରା । ମୌ । ଦଳବଗ୍ରପୁର ତୌ ନ ୩୧୧୯ ନମ୍ବର | ଜମିଦାରୀ ରା । ୯୧୧ | ଟ ୦ ୪/ | ଟ ୧ / ୩ | |
| ୧୫ | ପ୍ର । ଦାଶିଆ ଗ୍ରା । ବଲରାମପୁର ତୌ ନ ୩୫୯୯ ନମ୍ବର | ଜମିଦାରୀ ରା । ୯୦। | ଟ ୫୪୪୶ | ଟ ୧୦୦ ୪ | |
| ୧୬ | ପ୍ର । ଦାଶିଆ ଗ୍ରା । ବାହୁଲାଣ ତୌ ନ $\frac{୩୨୦}{୧}$ ମ୍ବର | ଜମିଦାରୀ ରା । ଟ ୦ ୧୬୩ | ଟ ୧୨।୶ | ଟ ୨୩ ୧ ୫ | |
| ୧୭ | ପ୍ର । ଦାଶିଆ ଗ୍ରା । ମଧୁପୁର ତୌ ନ $\frac{୩୬୫୭}{୪}$ ମ୍ବର | ଜମିଦାରୀ ରା । ଟ ୦ ୧୧୩,୨ | ଟ ୮୪୶ | ଟ ୧୬।୵/୬ | |
| ୧୮ | ପ୍ର । ଦାଶିଆ ଗ୍ରା । ଜଗନ୍ନା ତୌ ନ ୩୬୯୯ ନମ୍ବର | ଜମିଦାରୀ । ରା । ୯୧୧ | ଟ ୮୨୧ | ଟ ୧୫୩୪/୬ | |

Hemendra Nath Roy
Common Manager.

# ବିଜ୍ଞାପନ

## କଟିନ ପରୀକ୍ଷାରେ ସିଦ୍ଧାନ୍ତ

### ପାଦ ଭଅଙ୍କୁଟ ମହୌଷଧ

ଦୁଷ୍ଟ ଗାଉ ରୋଗର ଏହା ଅବ୍ୟର୍ଥ ମହୌଷଧ । ଏହା ରୋଗ ଉତ୍ପତ୍ତିରେ ଅତି ଅଳ୍ପ ସମୟ ମଧ୍ୟରେ ରୋଗ ଭଲ ହୋଇଥାଏ । ଅଳ୍ପ କେତେ ଦିନ ରୋଗରେ ରୋଗ ଭୋଗ ଗଲେ ବାନ୍ଧି । ସମସ୍ତ ଉତ୍କଳଗଣ ଇହା ଭୁକ୍ତଭୋଗୀ ଅଟନ୍ତି ସ୍ଥାନର ବହୁ ବ୍ୟକ୍ତି ଏହି ଜାତୀୟ ରୋଗର ଏମନ୍ତ ମହୌଷଧ ଆଉ ଔଷଧ ଅନ୍ୟ ଦେଖି ନାହାନ୍ତି ଦୋଷ ମୁକ୍ତ କରିବାକୁ ସମର୍ଥ ହୋଇଅଛନ୍ତି । ଏ ଔଷଧରେ ଏ ପର୍ଯ୍ୟନ୍ତ ପ୍ରାୟ ୫୦ ସହସ୍ର ବ୍ୟକ୍ତି ରୋଗମୁକ୍ତ ହୋଇଅଛନ୍ତି ।

ମୂଲ୍ୟ ୧ ଡବା ଟ ୦ ୶, ୩ ଡ ୧୯, ୬ ଡ ୧୪ ୧୨ ୨ ୩ ୧

### କାଛୁର ମହୌଷଧ;— ଏହି ଔଷଧର

ଅବ୍ୟର୍ଥ ରୋଗ ଆରୋଗ୍ୟକାରୀ ଶକ୍ତି ଦେଖି ଅନେକ ଲୋକ କହନ୍ତି "ଏହା କ କୌଣସି ମନ୍ତ୍ରପୂତ ଶକ୍ତି ଔଷଧ?" ସେ ପ୍ରକାର କାଛୁ, ଯେ ପ୍ରକାର ଚର୍ମରୋଗ, ଯେ ପ୍ରକାର ଦଦ୍ରୁ ବ୍ରଣ, ଘାଆ ସେ ପ୍ରକାର ଖାଇ ହେଉ ନା କାହିଁକି କେତେ ଦିନରେ ନିଶ୍ଚୟ ଆରୋଗ୍ୟ ହୋଇବ । ଔଷଧ ବ୍ୟବହାରରେ ଜ୍ୱଳାପୋଡ଼ା କଷ୍ଟ ହୁଏ ନାହିଁ ।

ମୂଲ୍ୟ ୧ ଡବା ଟ ୦ ୵, ୩ ଡ ୧।୶, ୬ ଟ ୬। ୧୨ ଟ ୪ ୧

### ଦନ୍ତରକ୍ଷଣ ବା ଦନ୍ତବନ୍ଧୁ;—

ଯାହାଙ୍କ ଦନ୍ତପୀଡ଼ା ଏହାଦ୍ୱାରା ଅଣ୍ଡ ନବାଦର ହୋଇ ଦନ୍ତମୂଳ ଦୃଢ଼ ଏବଂ ଦନ୍ତ ସ୍ୱଚ୍ଛ ଓ ଉଜ୍ଜ୍ୱଳ ହୁଏ । ଏହାଦ୍ୱାରା ପ୍ରତ୍ୟହ ଦନ୍ତ ଧାବନ କଲେ କୌଣସି ପ୍ରକାର ଦନ୍ତରୋଗ ହୁଏ ନାହିଁ । ଏହା ଏମନ୍ତ ସୁଗନ୍ଧମୟ ଯେ ମନ ପ୍ରାଣ ମୋହିତ କରିବ । ଏହାଙ୍କ ଅଦ୍ଭୁତ କେତେଗୁଡ଼ିଏ ଗୁଣ ଅଛି ।

ମୂଲ୍ୟ ୧ ଡବା ଟ ୦।, ୩ ଟ ୦ ୶ ୬ ଟ ୧୨, ୧୨ ଟ ୨୧ ଦୁଇଟଙ୍କା ।

ଔଷଧ କ୍ରୟାର୍ଥୀ ମାନେ ଆପଣା ନାମ, ଗ୍ରାମ, ଡାକଘର, ଜିଲା ସହିତ ପତ୍ର ଲେଖି ଔଷଧ କେତେ ଡବା ଅବଶ୍ୟକ ସ୍ପଷ୍ଟ କରି ଲେଖିବେ ।

ପ୍ରାପ୍ତିସ୍ଥାନ ।

ଶ୍ରୀ ଶ୍ୟାମଚାନ୍ଦ ଘୋଷ
ଦେଶ ହିତୈଷିଣୀ, ବା ମାଣିକଗଞ୍ଜ ଷ୍ଟ୍ରିଟ,
ବାଲେଶ୍ୱର

Digitized by srujanika@gmail.com

Split by PDF Splitter

REGISERED No. C. 81

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

୪୨ ଭାଗ | CUTTACK SATURDAY THE 22nd December 1906. | ଅଙ୍କୀୟ ୫ ୩୨
୪୯ ସଂଖ୍ୟା | ପୌଷ ୭ ମ ୭ ଅଙ୍କ ୧୩୧୪ ସାଲ ଶନିବାର | ଷଷ୍ଠଦେଶ୍ୱ ୫ ୬
ସହର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନି ଲିମିଟେଡ଼ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ସ୍ଥିର ହୋଇଅଛି, ଯଥା;—

ପ୍ରଥମବାର ସକାଶେ ଧାଡ଼ିପ୍ରତି ୫॰ ୵ ଓ ଅର୍ଦ୍ଧସ୍ତମ୍ଭକୁ ୫ ୨ ପୂର୍ଣ୍ଣସ୍ତମ୍ଭକୁ ୫୩ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ଭର୍ତ୍ତିର ସର୍ତ୍ତ ୫॰ ୵ ଠାରୁ ଉଣା ହେବ ନାହିଁ ଦ୍ୱିତୀୟ ଓ ଦୋସ୍ଥର ସକାଶେ ସର୍ତ୍ତ ପ୍ରଥମ ଥରର ଅର୍ଦ୍ଧେକ ହେବ। ଅଧିକ ଦିନ ସକାଶେ ଚୁକ୍ତି ବନ୍ଦୋବସ୍ତ ହୋଇପାରିବ। ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ.

## NOTICE

